

ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

ରୁକୁଡା ଜଳ ଅମଳ ପ୍ରକଳ୍ପରେ ପୁଣି ଦୁର୍ଘଟଣା

### ଡ୍ୟାମ୍ ପାଣିରେ ବୁଡ଼ି ଜଣଙ୍କର ମୃତ୍ୟୁ

**ବଣାଇ, ୩୧।୮ (ସ୍ୱ.ପ୍ର.)**- ବଣାଇ ଉପଖଣ୍ଡର ଗୁରୁଣ୍ଡିଆ ବ୍ଲକ ଅଞ୍ଚଳରେ ଥିବା ମୃକ୍ଷାପୋଷ ରୁକୁଡା ଡ୍ୟାମର ଗଛିତ ଜଳ ଭଣ୍ଡାରରେ ଶନିବାର ଜଣେ ଯୁବକ ବୁଡି ମୃତ୍ୟୁବରଣ କରିଛନ୍ତି। କଟୁରାଧୁଆ ଗ୍ରାମର ଇଲିୟାସ ଓରାମ (୩୦) ଜମିର ଚାଷକାମ ସାରି ସନ୍ଧ୍ୟାରେ ଗାଧୋଇବାକୁ ରୁକୁଡା ଡ୍ୟାମକୁ ଯାଇଥିଲେ। ଦୀର୍ଘ ସମୟଧରି ସେ ନ ଫେରିବାରୁ ତାଙ୍କ ପରିବାର ଲୋକ ଡ୍ୟାମକୁ ଖୋଜିବାକୁ ଯାଇ କିଛି ଲୋକ ମାଛ ମାରୁଥିବା ଦେଖି ତାଙ୍କୁ ପଚାରିଥିଲେ। ସେମାନେ ମଧ ଆସିବା ପୂର୍ବରୁ ଗାଧୋଇ ଯାଇଥାଇ ପାରନ୍ତି ବୋଲି କହିବା ପରେ ପରିବାର ଲୋକଙ୍କ ଅନୁରୋଧ କ୍ରମେ ଜାଲ ଧରି ଡ୍ୟାମର ଜଳଭଣ୍ଡାର ମଧରେ ଖୋଜିବା ଆରମ୍ଭ କରିଥିଲେ। ତାଙ୍କ ମୃତ ଦେହ ଡ୍ୟାମ ପାଣିରେ ବୁଡି ରହିଥିବା ଜାଣି ମାଛଧରାଳିମାନେ ଜାଲ ସାହାର୍ଯ୍ୟରେ ଶବକୁ ଉଦ୍ଧାର କରିଥିଲେ। ଏ ସଂକ୍ରାନ୍ତରେ ବଣାଇ ଥାନାରେ ସୂଚନା ଦିଆଯାଇଥିବା ବେଳେ ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ସୂଚନା ଯୋଗ୍ୟଯେ ଏହି ଜଳଭଣ୍ଡାରରେ ପୂର୍ବରୁ ୨ଜଣଙ୍କର ସଲିଳ ସମାଧି ଘଟିଥିବା ବେଳେ ଶନିବାର ଘଟଣା ତୃତୀୟ ବୋଲି ଜଣାପଡିଛି।




ଜିଲାପାଳ ନିଖିଲ ପବନ କଲ୍ୟାଣ ପତାକା ଉତ୍ତୋଳନ କରୁଛନ୍ତି। (ବାମ)। ବିଧାୟିକା କୁସୁମ ଟେଟେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ସୁନ୍ଦରଗଡ଼ ପୌର ପରିଷଦ ତରଫରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

# ସ୍ୱଚ୍ଛ, ଆଦର୍ଶ ସହରରେ ପରିଣତ ଲାଗି ଆହ୍ୱାନ

**ସୁନ୍ଦରଗଡ଼, ୩୧।୮ (ଡି.ଏନ୍.ଏ)**

ସୁନ୍ଦରଗଡ଼ ପୌରପରିଷଦ ତରଫରୁ ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭୋରରୁ ରାମଧୂନ ପ୍ରଚାର ସହ ସକାଳେ ସହରରେ ଥିବା ବିଭିନ୍ନ ବରପୁତ୍ରଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୌର ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସକାଳ ୮ଟାରେ ଆୟୋଜିତ ସମାରୋହରେ ଜିଲାପାଳ ତଥା ପୌରପରିଷଦର ପ୍ରଶାସକ ନିଖିଲ ପବନ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ସୁନ୍ଦରଗଡ ସହରକୁ ଏକ ସ୍ୱଚ୍ଛ ଓ ଆଦର୍ଶ ସହରରେ ପରିଣତ କରିବା ଦିଗରେ ସମସ୍ତଙ୍କ ସହଭାଗୀତା ଜରୁରୀ ବୋଲି କହିଥିଲେ। କର୍ମଚାରୀମାନେ ନିଷ୍ଠାପର ଭାବେ କର୍ତ୍ତବ୍ୟ ସମ୍ପାଦନ ସହ ସହରବାସୀଙ୍କୁ ମୌଳିକ ସେବା ଯୋଗାଇ ଦେବା ଦିଗରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ପରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ ଓ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳବଣ୍ଟନ କରାଯାଇଥିଲା । ଏଥିସହ ବିଭିନ୍ନ ୱାର୍ଡରେ ବୃକ୍ଷରୋପଣ କରାଯାଇଥିଲା। ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସାଧାରଣ ସଭାରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ ସହରର ବିକାଶ ପାଇଁ ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଧାୟକ ଭାବେ ସେ ସୁନ୍ଦରଗଡର ଉନ୍ନତି ଦିଗରେ ସଦାସର୍ବଦା ସହଯୋଗ କରିବେ ବୋଲି କହିଥିଲେ। ଜିଲା ସହର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମାର୍ସେଲ ଏକ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ଓ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛତ୍ରୀ ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜୟନ୍ତ ନାରାୟଣ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଜଗାଙ୍ଗପୁରରେ ସ୍ୱାୟତ୍ତ ଶାସନ ଦିବସ

**ରାଜଗାଙ୍ଗପୁର, ୩୧।୮ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ପୌରପରିଷଦ ପ୍ରଶାସକ ତଥା ସୁନ୍ଦରଗଡ଼ ଉପଜିଲାପାଳ ଡୋଳାମଣୀ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜଗାଙ୍ଗପୁର ବିଧାୟକ ସି.ଏସ ରାଜନ ଏକ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜଗାଙ୍ଗପୁର ପୌରପରିଷଦ ପ୍ରାଙ୍ଗଣରେ ଏକ ସଭା କାର୍ଯ୍ୟ କରାଯାଇଥିଲା । ଉକ୍ତ ସଭାରେ ରାଜଗାଙ୍ଗପୁର ସହର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ପୂର୍ବତନ ଉପନଗରପାଳ ଅଶୋକ ଦାସ, ୱାର୍ଡ ସଭ୍ୟ କେ.ସି ଜେନା, ପି.କେ ଉପାଧ୍ୟାୟ, ସମାଜସେବୀ ଉପେନ୍ଦ୍ର ପ୍ରଧାନ, ପଦ୍ମନାଭ ସାମଲଙ୍କ ସମେତ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପୌରପରିଷଦର ଉନ୍ନତ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା କର୍ମଚାରୀ ଓ ପରିମଳ କର୍ମଚାରୀ ଓ ଏ ପାଣିଗ୍ରାହୀ, କେ.ସି ମହାରଣା, କୁମାର ସାଲ, ସେବାସ ଦାସଙ୍କୁ ସମ୍ମାନିତ କରାଯାଇ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଲିପଲୋଇଠାରେ ଶହୀଦ ପ୍ରଦୀପ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବା ସାଙ୍ଗକୁ ଷ୍ଟାଡିୟମ ପରିସରରେ ନବନିର୍ମିତ ଶହୀଦ ସ୍ତମ୍ଭ ଉଦ୍‌ଘାଟନ କରାଯାଇଥିଲା। ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାରେ ପୌରପରିଷଦ ପକ୍ଷରୁ ରୋଗୀଙ୍କୁ ଫଳବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଗୁଡିକ ରାଜଗାଙ୍ଗପୁର ପୌର ନିର୍ବାହୀ ଅଧିକାରୀ ଜ୍ୟୋତି ବିକାଶ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏ. ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ ।



ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଅଧିକାରୀ, ଅତିଥିମାନେ ଉପସ୍ଥିତ।

ହୀରାକୁଦ ବିସ୍ଥାପିତ ମାମଲା

# ଘରଡିହ ଯୋଗାଇବା ପାଇଁ ସହମତି ପ୍ରକାଶ କଲା ପ୍ରଶାସନ

**ହେମଗିର, ୩୧।୮ (ଡି.ଏନ.ଏ)**

ଦୀର୍ଘ ଦିନରୁ ବୁଡି ଅଞ୍ଚଳ ସଂଗ୍ରାମ ସମିତି ପକ୍ଷରୁ ହୀରାକୁଦ ବିସ୍ଥାପିତଙ୍କ ଥଇଥାନ ପାଇଁ କରାଯାଉଥିବା ଦାବି ଆଜି ସଫଳ ହୋଇପାରିଛି। ପ୍ରଶାସନ ତାକୁ ବିଚାରକୁ ନେଇ ଘରଡିହ ଯୋଗାଇ ଦେବା ପାଇଁ ସହମତି ପ୍ରକାଶ କରିଛି । ଗତ ୧୬ ଅକ୍ଟୋବର, ୨୦୧୫ରେ ଏ ନେଇ ସମିତି ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲା । ସୁନ୍ଦରଗଡ ଜିଲାରେ ହୀରାକୁଦ ବନ୍ଧ ଦ୍ୱାରା ବିସ୍ଥାପିତ ହୋଇ ଆସିଥିବା ପରିବାର ମାନଙ୍କୁ ଥଇଥାନ ପାଇଁ ୧୦ ଡିସିମିଲ ଜାଗା ଯୋଗାଇ ଦେବା ପାଇଁ ଦାବି କରାଯାଇଥିଲା। ଏହାପରେ ଅନେକ ଥର ଗଣ ଧାରଣା, ରାଲି, ବୈଠକ କରାଯାଇଥିଲା । କାରଣ ଓଡିଶା ସରକାରଙ୍କ ଚିଠି ସଂଖ୍ୟା ୫୫୩୩/ ୩୧।୧।୦୨ ଅନୁଯାୟୀ ଘର ଡିହ ପଟ୍ଟା ହୀରାକୁଦ ବିସ୍ଥାପିତଙ୍କ ପାଇଁ ପ୍ରାବଧାନ ଥିଲେ ମଧ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ। ଯାହା ହେଉ ଦୀର୍ଘ ଦିନର ଅପେକ୍ଷାର ଅବସାନ ଘଟାଇ ଗତ ୩୦ ତାରିଖରେ ହେମଗିର ତହସିଲଠାରେ ଏକ ବୈଠକ ପାଇଁ ଜିଲା ରାଜସ୍ୱ ବିଭାଗ ସୁନ୍ଦରଗଡଙ୍କ ପକ୍ଷରୁ ପତ୍ର ସଂଖ୍ୟା ୧୯୯୫/ ତା. ୯।୮।୨୦୧୯ ଧାର୍ଯ୍ୟ କରାଯାଇଥିଲା । ଏଥିରେ ହେମଗିର ଅଞ୍ଚଳରେ ହୀରାକୁଦ ବନ୍ଧ ଦ୍ୱାରା ବିସ୍ଥାପିତ ତଥା ସଂଗ୍ରାମ ସମିତିର କର୍ମକର୍ତ୍ତାଙ୍କୁ ମଧ ଯୋଗଦେବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା । ବୈଠକରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ନରସିଂଚରଣ ସ୍ୱାଇଁ, ହେମଗିର ତହସିଲଦାର ସୂର୍ଯ୍ୟ କୁମାର ନାୟକ, ବୁଡି ଅଞ୍ଚଳ କେନ୍ଦ୍ରିୟ ସମ୍ପାଦକ ଗୋପୀନାଥ ମାଝୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରାଯାଇଥିଲା । ଅତିରିକ୍ତ ଜିଲାପାଳ ସ୍ୱାଇଁ ହେମଗିର ଅଞ୍ଚଳରେ ବସବାସ କରୁଥିବା ସମସ୍ତ ହୀରାକୁଦ ବନ୍ଧ ବିସ୍ଥାପିତଙ୍କୁ ଚାରିରୁ ଦଶ ଡିସିମିଲ ଘର ଡିହ ଯୋଗାଇବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏନେଇ ହେମଗିର ରାଜସ୍ୱ ବିଭାଗ, ସଂଗ୍ରାମ ସମିତି ଓ ଜନସାଧାରଣଙ୍କୁ ନେଇ ଏକ ମିଳିତ କମିଟି ଗଠନ କରାଯାଇ ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଚିହ୍ନଟ କରାଯିବ। ଚିହ୍ନଟ ପରେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଘରଡିହ ପଟ୍ଟା ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଘୋଷଣା କରିଥିଲେ । ବୈଠକରେ ହୀରାକୁଦ ବନ୍ଧ ଆଞ୍ଚଳିକ ସଂଗ୍ରାମ ସମିତିର କାର୍ଯ୍ୟକାରୀ ସଭାପତି ନୀଳମଣୀ ପଟେଲ, ସମ୍ପାଦକ ଉତ୍ତର କୁମାର ନାଏକ, କାର୍ତ୍ତିକ ସା, ପ୍ରବୀର ସାହୁ ତଥା ପ୍ରାୟ ୨୫ଟି ଗ୍ରାମର ବହୁ ବିସ୍ଥାପିତ ଉପସ୍ଥିତ ଥିଲେ।

# ଦରମା ବୃଦ୍ଧି ଦାବି କରିବାରୁ ଶ୍ରମିକଙ୍କୁ ମାଡ଼, ଉତ୍ତେଜନା

**ବଣାଇ, ୩୧।୮ (ସ୍ୱ.ପ୍ର.)**

ବଣାଇ ବ୍ଲକ ଅନ୍ତର୍ଗତ ବର୍ହାମୂଷା ଗ୍ରାମରେ ରହିଛି ଏସଏନ ମାହାନ୍ତି ସ୍ପଞ୍ଜ ଓ ପାୱାର ପ୍ଲାଣ୍ଟ କାରଖାନା। ଏଥିରେ ଏସଏମଏସ ବିଭାଗରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ନିଜର ଦରମା ବୃଦ୍ଧି ପାଇଁ ଦାବି ଜଣାଇ ଶେଷରେ ଶ୍ରମିକମାନେ ମାଡ ଖାଇବାକୁ ପଡିଛି। ଏଥିନେଇ କାରଖାନା ପରିସରରେ ଉତ୍ତେଜନା ଦେଖାଯିବା ସହ ବଣାଇ ଥାନାରେ ମାଡ ଖାଇଥିବା ଶ୍ରମିକ ଏତଲା ଦେଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଏସଏମଏସ ବିଭାଗରେ ରାଜ୍ୟ ଓ ଜିଲା ବାହାରୁ ବହୁ ଶ୍ରମିକ ଆସି କାମ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଶ୍ରମିକଙ୍କୁ ସବୁବେଳେ ଉପେକ୍ଷା କରାଯାଇ ନିଯୁକ୍ତି ଦିଆଯାଉ ନାହିଁ। ମାତ୍ର ଯେଉଁ କେତେକ ଶ୍ରମିକ କାମ କରୁଛନ୍ତି ସେମାନଙ୍କୁ ସବୁବେଳେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ପ୍ଲାଣ୍ଟ ପରିସରରେ ଥିବା ଶ୍ରମିକ କଲୋନୀରେ । ଏସଏମଏସ ପ୍ଲାଣ୍ଟରେ କାମ କରୁଥିବା ଶ୍ରମିକମାନେ ସେମାନଙ୍କର ଦରମା ବୃଦ୍ଧି ପାଇଁ କାରଖାନା କର୍ତ୍ତୃପକ୍ଷଙ୍କୁ ଆଗରୁ ବହୁବାର ଜଣାଇ ଆସୁଥିଲେ। କିନ୍ତୁ କର୍ତ୍ତୃପକ୍ଷ ବାହାର ଅଞ୍ଚଳରୁ ଶ୍ରମିକ ଆଣି ସେମାନଙ୍କୁ ଅଧିକ ଦରମା ଦେଉଥିବା ବେଳେ ସ୍ଥାନୀୟ ଶ୍ରମିକଙ୍କୁ ଏଥିପାଇଁ ଉପେକ୍ଷା କରାଯାଉଛି। ଏହାର ପ୍ରତିବାଦ କରି ଏସଏମଏସର ଶ୍ରମିକମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ସେମାନେ କାର୍ଯ୍ୟକୁ ନ ଯାଇ ଶ୍ରମିକ କଲୋନୀ ପରିସରରେ ରହିଥିଲେ। ମାତ୍ର ଏସଏମଏସ ପ୍ଲାଣ୍ଟର ଜଣେ ଅଧିକାରୀ ରାତି ୨ଟାରେ ସିକ୍ୟୁରିଟି ଗାର୍ଡଙ୍କୁ ସଙ୍ଗରେ ଧରି କଲୋନୀରେ ପହଞ୍ଚିଥିଲେ। ସେଠାରେ କାମକୁ ଯାଇ ନ ଥିବା ଶ୍ରମିକଙ୍କୁ ମାଡ ମାରିଥିଲେ। ଏଥିରେ ବଣାଇ ଥାନା ଅନ୍ତର୍ଗତ ନଳଘଟି ଗ୍ରାମର ଯାତ୍ରା କିଷାନ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିବା ବେଳେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଥିନେଇ ଆହତ ଶ୍ରମିକ ବଣାଇ ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

# ଠିକା ସଂସ୍ଥାଗୁଡ଼ିକର କାର୍ଯ୍ୟବନ୍ଦ ଆନ୍ଦୋଳନ

**ସୁନ୍ଦରଗଡ, ୩୧।୮ (ଡି.ଏନ.ଏ)**

ଦର୍ଲିପାଲିଠାରେ ଏନଟିପିସି କମ୍ପାନୀର ସୁପରଥର୍ମାଲ ନିର୍ମାଣଧିନ ଥିବାବେଳେ ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବୃହତ୍ତ କମ୍ପାନୀମାନେ ତାହାର କାର୍ଯ୍ୟ ହାତକୁ ନେଇଛନ୍ତି । ଏପରି ସ୍ଥଳେ ଏହି ନିର୍ମାଣ କାର୍ଯ୍ୟ ଏଲଏଣ୍ଡଟି କମ୍ପାନୀ ମଧ ହାତକୁ ନେଇ ଏଥିରେ ବହୁ ଛୋଟ ବଡ ଠିକା ସଂସ୍ଥାକୁ କାର୍ଯ୍ୟ ଦେଇଛି । ଠିକା ସଂସ୍ଥାଗୁଡିକୁ ସ୍ଥାନୀୟ ତଥା ବାହାର ଶ୍ରମିକମାନଙ୍କୁ ନେଇ କାର୍ଯ୍ୟ କରିଥାନ୍ତି । କିନ୍ତୁ ସେମାନେ ତାଙ୍କର ପ୍ରାପ୍ୟ ନ ପାଇବାରୁ ଶ୍ରମିକମାନଙ୍କୁ ଠିକ ସମୟରେ ପାରିଶ୍ରମିକ ଦେଉ ନାହାନ୍ତି। ବର୍ତ୍ତମାନ ପଶ୍ଚିମ ଓଡିଶାର ଗଣପର୍ବ ଥିବା ଯୋଗୁ ପାରିଶ୍ରମିକ ପାଇ ନ ଥିବାରୁ ଶ୍ରମିକ ଅଶାନ୍ତ ଦେଖା ଦେଇଛି। ଫଳରେ ବାଧ ହୋଇ ମା' ସମଲେଶ୍ୱରୀ ଠିକାଦାର ସଂଘ ପକ୍ଷରୁ ବନ୍ଦ ଡକରା ଦିଆଯାଇଛି । ଏନେଇ କମ୍ପାନୀ ପକ୍ଷରୁ ଖୁବ ଶୀଘ୍ର ଏହାର ସମାଧାନ କରାଯିବ ବୋଲି କୁହାଯାଇଛି। ଠିକାଦାରଙ୍କ ପକ୍ଷରୁ ଆକୁଳ ଚରଣ ଲେଙ୍କା, ସ୍ମୃତିଚନ୍ଦନ ମଲ୍ଲିକ, ଇନ୍ଦ୍ରଜିତ ଘୋଷାଳ, ସମୀର ମାଝୀ, ପୂର୍ଣ୍ଣ ମଣ୍ଡଳ, ମସୁର ରହମନ ତଥା ବହୁ ଠିକାଦାର ଏଥିରେ ସାମିଲ ଥିଲେ ।

# ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବଡଗାଁ, ୩୧।୮ (ଡି.ଏନ.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ ଦେଓକରଣପୁର ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଏବିଇଓ ଆଗୁଷ୍ଟିନ ଲୁଗୁନ ମୁଖ୍ୟଅତିଥି ଓ ଏବିଇଓ ମହେଶ୍ୱର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ କର୍ଣ୍ଣ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଲୁଗୁନ ପ୍ରତିଭାର ବିକାଶ ପାଇଁ ନିରନ୍ତର ସାଧନାର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏବିଇଓ ମଲ୍ଲିକ, କଠିନ ଅଧ୍ୟବସାୟ ଦ୍ୱାରା ଜିଲା ଓ ରାଜ୍ୟସ୍ତରକୁ ଉନ୍ନିତ ହୋଇ ବ୍ଲକର ସୁନାମ ରଖିବାକୁ ବୁଝାଇଥିଲେ। ପ୍ରତିଯୋଗିତାରେ ମୋଟ ୧୧୮ ଜଣ ଫୁଟବଲ ଖେଳାଳି ଅଂଶଗ୍ରହଣ କରିଥିଲେ । ଫୁଟବଲରେ ଦେଓକରଣପୁର ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ଓ ବଡଗାଁ ଉଚ୍ଚ

**ବଡଗାଁ ବ୍ଲକ**

ବିଦ୍ୟାଳୟ ରନର୍ସ ହୋଇଥିଲେ । ଖେଳ ପରିଚାଳନା ଓ ଖେଳାଳି ଚୟନ ପ୍ରକ୍ରିୟାରେ ପିଇଟି ଗଣେଷ ବାରିକ, ପ୍ରଭାତ କୁମାର ଦ୍ୱାରି, ଚିତ୍ତରଞ୍ଜନ ଡାକୁଆ, ମୂରଲୀଧର ବେହେରା, ବିଜୟ ପଟେଲ, ଉଗ୍ରସେନ ବେହେରା, ରେଣୁକା ମହାରଣା, କାଦମ୍ବିନୀ ପଟେଲ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ ଫୁଟବଲ ଖେଳାଳି ଓ ପିଇଟି ।

## ଫଟୋରେ ଖବର





ବୀରମିତ୍ରପୁର ପୌରପାଳିକାରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ନିର୍ବାହୀ ଅଧିକାରୀ ସସ୍ମିତ ଦାଶ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି (ବାମ)। ବୀରମିତ୍ରପୁରରେ ଶହୀଦ ନିର୍ମଳ ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ନିର୍ବାହୀ ଅଧିକାରୀ ଓ ଅନ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି (ମଝି)। ସୁନ୍ଦରଗଡ଼ ସହରରେ ଗଣେଶ ମୂର୍ତ୍ତି ବିକ୍ରି ପାଇଁ ରଖାଯାଇଛି।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଅଙ୍ଗଦାନ ପାଇଁ ସଚେତନତା ଶୋଭାଯାତ୍ରା

ବାମରା, ୩୧।୮ (ଡି.ଏନ.ଏ)
ବାମରା ମାରୱାଡି ମହିଳା ସମିତି ଦ୍ୱାରା ଅଙ୍ଗଦାନକୁ ନେଇ ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି । ମୃତ୍ୟୁ ପରେ ନିଜ ଶରୀରକୁ ଦାନ କରିବାକୁ ନେଇ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଥିଲା। ଏକ ରାଲି ବାମରା ଷ୍ଟେସନ ବସ୍ତି କାଳୀ ମଣ୍ଡପଠାରୁ ବାହାରି ଗୋବିନ୍ଦପୁର ଡାକ୍ତରଖାନାରେ ପହଞ୍ଚିଥିଲା । ଡାକ୍ତରଖାନାରେ ଡା. ରୋଜାଲିନ ସାହୁ ଓ ଡା, ଜୟଶ୍ରୀ ଦାସ ଯୋଗଦେଇ ମାନବ ସମାଜ ଓ ଚିକିତ୍ସା ବିଜ୍ଞାନ ପାଇଁ ଅଙ୍ଗଦାନକୁ ମହତ ଦାନ ବୋଲି କହିଥିଲେ। ମୃତ ବ୍ୟକ୍ତିର ଅଙ୍ଗଦାନ ଦ୍ୱାରା କେତେକ ବିକଳାଙ୍ଗ ଓ ଅନ୍ୟାନ୍ୟ ରୋଗୀ ଉପକୃତ ହୋଇ ନୂଆଁ ଜୀବନ ପାଇ ପରିବେ ବୋଲି ଉପସ୍ଥିତ ସଭ୍ୟାମାନେ ଏହି ଅବସରରେ ମତ ଦେଇଥିଲେ। କାନ୍ତା ଖଣ୍ଡେଲୱାଲ, ଭାରତୀ ଖଣ୍ଡେଲୱାଲ, ରେଖା ଜୈନ, ରଶ୍ମି ଅଗ୍ରୱାଲ, ଜ୍ୟୋତ୍ସ୍ନା ଲାଠ, ଲତା ଅଗ୍ରୱାଲ, ମୋନା ଅଗ୍ରୱାଲ, ରମା ଅଗ୍ରୱାଲଙ୍କ ସହ ଗୋବିନ୍ଦପୁର ସରପଞ୍ଚ ମିନାକ୍ଷୀ ମାଝୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

### ସମ୍ବଲପୁର ଏଡିଏମ୍‌ଙ୍କ ପୁରୀ ବଦଳି

ସମ୍ବଲପୁର, ୩୧।୮ (ବୁ୍ୟରୋ)
ସମ୍ବଲପୁର ଜିଲା ପ୍ରଶାସନରେ କାଯ୍ୟରତ ଅତିରିକ୍ତ ଜିଲାପାଳ (ଏଡିଏମ୍) ଅଜୟ ଜେନାଙ୍କ ବଦଳି ହୋଇଛି। ଏଠାରୁ ତାଙ୍କର ପୁରୀ ବଦଳି କରାଯାଇଛି। ପୁରୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସେ ଯୋଗଦେବେ ବୋଲି ବଦଳି ଆଦେଶନାମାରେ ଉଲ୍ଲେଖ ରହିଛି। ହେଲେ ସମ୍ବଲପୁର ଏଡିଏମ୍ ଭାବେ କାହାକୁ ନିଯୁକ୍ତି ଦିଆଯାଇ ନାହିଁ। ଏଣୁ ଜେନାଙ୍କ ସ୍ଥାନ ଖାଲି ପଡିଛି। ଅନ୍ୟପକ୍ଷରେ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅବସ୍ଥାପିତ ଥିବା ବିଶ୍ୱନାଥ ସାହୁଙ୍କୁ ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ ଅଫ ମେଡିକାଲ୍ ସାଇନ୍ସ ଆଣ୍ଡ ରିସର୍ଚ୍ଚ ତଥା ଭିମସାରକୁ ବଦଳି କରାଯାଇଛି। ଭିମସାରରେ ପ୍ରଶାସକ ପଦରେ ଯୋଗଦେବେ ବୋଲି ବଦଳି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

## ଦେବଗଡ଼ ଜିଲା ଯୋଜନା କମିଟି ବୈଠକ
# ଜିଲାର ବିକାଶ ଉପରେ ଗୁରୁତ୍ୱ

ଦେବଗଡ଼,୩୧।୮ (ଡି.ଏନ୍.ଏ.):
ଦେବଗଡ଼ ଜିଲା ଯୋଜନା କମିଟି ବୈଠକ ଶନିବାର ସ୍ଥାନୀୟ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କମିଟି ଅଧ୍ୟକ୍ଷ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀ ମଲ୍ଲିକ ଶିଳ୍ପ ବିହୀନ ଦେବଗଡ଼ ଜିଲାରେ ଜନସାଧାରଣଙ୍କ ଆର୍ଥିକ ଉନ୍ନତି ସହ ଜିଲାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ କହିଲେ ଯେ, ଜିଲାର ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ଏନେଇ ଯୋଜନା ପ୍ରସ୍ତୁତି ସମୟରେ କୃଷି, ଉଦ୍ୟାନ କୃଷି ଏବଂ କୃଷି ଭିତିକ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ସରକାରଙ୍କ ବିଭିନ୍ନ



ଜିଲା ଯୋଜନା କମିଟି ବୈଠକରେ ମନ୍ତ୍ରୀଙ୍କ ସହ ଜିଲା ପ୍ରଶାସନିକ ଅଧିକାରୀମାନେ ।

ଜନକଲ୍ୟାଣ ଯୋଜନାର ସୁଫଳ କିପରି ହିତାଧିକାରୀମାନଙ୍କ ପାଖରେ ପହଞ୍ଚି ପାରିବ ସେନେଇ ସଚେତନତା କାର୍ଯ୍ୟକ୍ରମ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ୫ଟି ମନ୍ତ୍ରର ସଫଳ ରୂପାୟନ ନିମନ୍ତେ ସମସ୍ତେ ମିଶି କାର୍ଯ୍ୟ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଦେବଗଡ଼ ଜିଲାକୁ ଏକ ଆଦର୍ଶ ଜିଲାରେ ଗଢି ତୋଳିବା ପାଇଁ ଦଳମତ ନିର୍ବିଶେଷରେ ମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ରହି ଜିଲାର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ ଜିଲାର ବିକାଶ ପାଇଁ ସମସ୍ତଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟର ଆବଶ୍ୟକତା ରହିଥିବା କହିଥିଲେ। ବୈଠକରେ କୃଷି, ମତ୍ସ୍ୟ, ପ୍ରାଣି ସମ୍ପଦ, ଉଦ୍ୟାନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଜଳଛାୟା ପ୍ରକଳ୍ପ ଏବଂ ଜିଲା ଶିଳ୍ପକେନ୍ଦ୍ରର ଅଧିକାରୀମାନେ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବୈଠକରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଣ୍ଟ ପୁନମକାନ୍ତ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପସଭାପତି ଜୟକୃଷ୍ଣ ପ୍ରଧାନ, ସଦସ୍ୟା ବୃନ୍ଦାବତୀ ଭୋଇ, କନକ ପ୍ରଧାନ, ଗୁରୁବାରୀ ପାତ୍ର, ନିଶାନୀ ବେହେରା, ସଦସ୍ୟ ଦାଶରଥି କିଷାନ, ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗଦେଇଥିଲେ।

# ବିଷୟ ଆଧାରିତ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୩୧।୮ (ଡି.ଏନ.ଏ):
ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଦେବଗଡ଼ ଏବଂ ନେତାଜୀ କ୍ଲବ ସଗୁଡ଼ାର ମିଳିତ ସହଯୋଗରେ ସୁଗୁଡ଼ା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବିଷୟ ଆଧାରିତ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ସନ୍ତୁ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ରକ୍ତଭଣ୍ଡାର ଅଧିକାରୀ ଡ.ଅମିତ ମହାପାତ୍ର, ଶିକ୍ଷକ ଦାଶରଥି ପ୍ରଧାନ, ଦକ୍ଷତା ବିକାଶ କେନ୍ଦ୍ରର ସଞ୍ଜୟ ମଣ୍ଡଳ, ଜିତେନ ମହାପାତ୍ର, ରଞ୍ଜିତା ବେହେରା, ରାଜସ୍ୱ ନିରୀକ୍ଷିକା ଜଳିରାଣୀ ପ୍ରଧାନ ପ୍ରମୁଖ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଷ ଉପରେ ଆଲୋକପାତ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

କରିଥିଲେ। ନେହେରୁ ଯୁବକେନ୍ଦ୍ର ପ୍ରଦୀପ କୁମାର ବିଶ୍ୱାଳ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅନୁଷ୍ଠାନଗୁଡିକୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଚନ୍ଦ୍ରକାନ୍ତ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଓମ ପ୍ରସାଦ ଭୂତିଆ, କେଶବ ଚନ୍ଦ୍ର ସାହୁ, ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ତିନିମାସରେ ୯୧୨.୪ମିମି ବର୍ଷା
# ସ୍ୱାଭାବିକଠାରୁ ୧.୨% କମ୍

ଭୁବନେଶ୍ୱର, ୩୧।୮ (ବ୍ୟୁରୋ)
ରାଜ୍ୟରେ ନିଅଣ୍ଟିଆ ବର୍ଷା ରହିଛି। ଅଗଷ୍ଟରେ ପ୍ରବଳ ବର୍ଷା ଯୋଗୁ କିଛି ସ୍ଥାନରେ ବନ୍ୟା ପରିସ୍ଥିତି ଦେଖାଦେଇଥିବାବେଳେ ଆଉ କିଛି ସ୍ଥାନରେ ବର୍ଷାର ନାଁ ଗନ୍ଧ ନାହିଁ। ଏବେ ବି ରାଜ୍ୟରେ ୧.୨% କମ୍ ବର୍ଷା ହୋଇଛି। ଜୁନ୍ ୧ରୁ ଅଗଷ୍ଟ ୩୧ ମଧ୍ୟରେ ୯୧୨.୪ମିମି ବର୍ଷା ହେବା କଥା। କିନ୍ତୁ ୯୦୧ମିମି ବର୍ଷା ହୋଇଛି। ଏହି ତିନି ମାସରେ କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଲାଙ୍ଗୀର ଓ ଝାରସୁଗୁଡ଼ା ଆଦି ୫ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଅର୍ଥାତ୍ ୧୯%ରୁ ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି। ସେହିପରି କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କଟକ, ପୁରୀ, ସୁବର୍ଣ୍ଣପୁର, ବରଗଡ଼, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼, ଗଜପତି, ଯାଜପୁର, ଗଜପତି, କେନ୍ଦ୍ରାପଡ଼ା, ଭଦ୍ରକ, ନୂଆପଡ଼ା, ଜଗତ୍‌ସିଂହପୁର, ସମ୍ବଲପୁର, ବୌଦ୍ଧ, ଢେଙ୍କାନାଳ, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ୨୧ଜିଲାରେ ସ୍ୱାଭାବିକ ବର୍ଷା (+୧୯%ରୁ - ୧୯% ମଧ୍ୟରେ)ହୋଇଛି। ହାରାହାରି ବୃଷ୍ଟିପାତକୁ ତୁଳନା କଲେ କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ ଓ ଦେବଗଡ଼ ଜିଲାରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇଛି। ଏହି ତିନି ମାସରେ ମାଲକାନଗିରିରେ ସର୍ବାଧିକ ୧୫୪୮.୭ମିମି ବର୍ଷା ହୋଇଥିବା ବେଳେ ଗଜପତି ଜିଲାରେ ସର୍ବନିମ୍ନ ୬୧୬.୬ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମାଲକାନଗିରିରେ ୩୪.୬% ଅଧିକ ବର୍ଷା ହୋଇଥିବା ବେଳେ ଗଜପତିରେ ୯.୮% କମ୍ ବର୍ଷା ହୋଇଛି।

ବ୍ଲକ୍ ସ୍ତରରେ ଦେଖିବାକୁ ଗଲେ ଏହି ତିନି ମାସରେ ୬୬ ବ୍ଲକ୍‌ରେ ଅଧିକ ବର୍ଷା ହୋଇଥିବା ବେଳେ ୧୬୯ ବ୍ଲକ୍‌ରେ ସ୍ୱାଭାବିକ ଓ ୬୮ ବ୍ଲକ୍‌ରେ କମ୍ ବର୍ଷା ହୋଇଛି। ୧୧ଟି ବ୍ଲକ୍‌ରେ ଅତ୍ୟଧିକ କମ୍ ବର୍ଷା ହୋଇଛି। ବାଲେଶ୍ୱର ଜିଲାର ବାଲେଶ୍ୱର ବ୍ଲକ୍‌ରେ -୪୨.୦% ଓ ନୀଳଗିରିରେ -୪୨.୬%, ଦେବଗଡ଼ ଜିଲାର ରିଆମାଳ ବ୍ଲକ୍‌ରେ -୪୧.୮%, କେନ୍ଦୁଝର ଜିଲାର ହରିଚନ୍ଦନପୁର ବ୍ଲକ୍‌ରେ -୩୯.୯%, ଚମ୍ପୁଆରେ -୪୩.୬%, ଝୁମ୍ପୁରାରେ -୪୪.୫%, ଯୋଡ଼ାରେ -୪୭.୯%, କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକ୍‌ରେ -୪୪.୫, ସମ୍ବଲପୁର ଜିଲାର ନାକଟିଦେଉଳ ବ୍ଲକ୍‌ରେ -୪୭.୭%, ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ବ୍ଲକ୍‌ରେ -୪୧.୦% ଓ ବଣାଇ ବ୍ଲକ୍‌ରେ -୪୪.୮% କମ୍ ବର୍ଷା ହୋଇଛି। ସେହିପରି ତିନି ମାସ ମଧ୍ୟରେ ହାରାହାରି ୪୦.୯ ବର୍ଷା ଦିନ ହେବା କଥା କିନ୍ତୁ ମୋଟ ୩୫.୭ ବର୍ଷା ଦିନ ହୋଇଛି। ଜୁନ୍‌ରେ ୭.୪, ଜୁଲାଇରେ ୧୩.୭ ଓ ଅଗଷ୍ଟରେ ୧୪.୬ ବର୍ଷାଦିନ ହୋଇଥିଲା।

ଅନ୍ୟପଟେ ଅଗଷ୍ଟ ମାସରେ କିନ୍ତୁ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି। ଚଳିତ ବର୍ଷ ଅଗଷ୍ଟରେ ୪୪୪.୩ ମିଲିମିଟର ବର୍ଷା ହୋଇଛି। ଅଗଷ୍ଟରେ ହାରାହାରି ୩୫୬ମିମି ବର୍ଷା ହେବା କଥା, କିନ୍ତୁ ଏଥର ୨୪.୫% ଅଧିକ ବର୍ଷା ହୋଇଛି। ମାଲକାନଗିରି ଜିଲାରେ ସର୍ବାଧିକ ୭୬୩.୩ମିମି ବର୍ଷା ହୋଇଛି। ଏଠାରେ ୬୧.୫% ଅଧିକ ବର୍ଷା ହୋଇଛି। ସେହିପରି ପୁରୀ ଜିଲାରେ ସର୍ବନିମ୍ନ ୨୮୭.୬ମିମି ବର୍ଷା ହୋଇଛି। ଏଠାରେ ୩.୪% କମ୍ ବର୍ଷା ହୋଇଥିବା ଜଣାପଡ଼ିଛି।

- ୫ ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା
- ମାଲକାନଗିରିରେ ସର୍ବାଧିକ ୧୫୪୮.୭ମିମି, ଗଜପତିରେ ସର୍ବନିମ୍ନ ୬୧୬.୬ମିମି

## ଫଟୋରେ ଖବର







ଦେବଗଡ଼ ସହର ୩ନମ୍ବର ୱାର୍ଡ ମଠସାହିରେ ମା' ଖୁଦୁରୁକୁଣୀ ପୂଜା ମଣ୍ଡପରେ ଓଷା ପାଳନ କରୁଥିବା ଯୁବତୀମାନେ (ବାମ)। ସମ୍ବଲପୁରରେ ଆୟୋଜିତ ଶ୍ରୀମଦ ଭାଗବତ କଥା କାର୍ଯ୍ୟକ୍ରମରେ ପିଲାମାନେ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇଛନ୍ତି (ମଝି)। ଶନିବାର ସମ୍ବଲପୁରରେ ଅଙ୍ଗଦାନ ସଚେତନତା ଶୋଭାଯାତ୍ରାରେ ମାରୱାଡି ମହିଳା ସମିତି ସଭ୍ୟାମାନେ ସହର ପରିକ୍ରମା କରୁଛନ୍ତି ।

## ପ୍ରଦୂଷଣ, ତାପମାତ୍ରା ବୃଦ୍ଧି ରୋକିବାକୁ ବୃକ୍ଷରୋପଣ ଜରୁରୀ

ଧମା,୩୧।୮ (ଡି.ଏନ.ଏ.)
ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟରେ ରୋଟାରୀ କ୍ଲବ, ସମ୍ବଲପୁର ଗ୍ରେଟର୍ ଆନୁକୂଲ୍ୟରେ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଯୁକ୍ତ ୨ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ସଭାପତିତ୍ୱ କରିଥିଲେ। ଅତିଥି ଭାବରେ ଧମା ରେଞ୍ଜ ଅଫିସର ବିଦ୍ୟାଧର ସାହୁ ଯୋଗଦେଇ ବର୍ତ୍ତମାନ ସମୟରେ ପରିବେଶ ପ୍ରଦୂଷଣ ଓ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ରୋକିବା ପାଇଁ ବୃକ୍ଷରୋପଣ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ । ରୋଟାରୀ କ୍ଲବ ସମ୍ବଲପୁର ପକ୍ଷରୁ ମହମ୍ମଦ ପରଭେଜ ଅଲ୍ଲି ଖାନ୍, ବିଲାଲ ଖାନ୍, ପ୍ରଶାନ୍ତ ରଥ, ଘନଶ୍ୟାମ ମେହେର, ଆନନ୍ଦ କୁମାର ମିଶ୍ର, ଅବଦେଶ ତିୱାରୀ, ବିକ୍ରମାଦିତ୍ୟ ସିଂଦେଓ, ଉମେଶ ବର୍ମା, ପଙ୍କଜ ଲାଠ, ରାଜକୁମାର ଅଗ୍ରୱାଲ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ । ସଚେତନତା ସଭା ପରେ ମହାବିଦ୍ୟାଳୟ ଛାତ୍ରୀ ନିବାସ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ଝାଡେଶ୍ୱରୀ ମହାବିଦ୍ୟାଳୟର ଛାତ୍ରୀ ନିବାସ ପରିସରରେ ଚାରା ରୋପଣ କରାଯାଉଛି।

ହୋଇଥିଲା । ସମ୍ବଲପୁର ଜିଲା ବନ ଅଧିକାରୀ ଡ. ସଂଜୀତ କୁମାରଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚାରା ରୋପଣ କରାଯାଇଥିଲା। ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସଞ୍ଜୟ ସାହୁ, ସୁଶ୍ରିତ ଷଡଙ୍ଗୀ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ଲକି ସରାଫ, ଆଲୋକ କୁମାର ଗୌଡିଆ, ଜ୍ୟୋତିର୍ମୟୀ ପଣ୍ଡା, ପୂଜିତା ପୂଜାରୀ, ରାକେଶ ଭୋଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ଯୁକ୍ତ ୩ ଅଧ୍ୟକ୍ଷ ଅନୀଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆଁଖାଇ ପାଇଁ ଚଳଚଞ୍ଚଳ ଗାଁଠୁ ସହର

ସମ୍ବଲପୁର, ୩୧।୮ (ବୁ୍ୟରୋ)
ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ମଙ୍ଗଳବାର ପାଳନ ହେବ। ଏଥିପାଇଁ ଗାଁଠୁ ସହର ପର୍ଯ୍ୟନ୍ତ ସବୁଠି ଚଳଚଞ୍ଚଳ ହୋଇ ଉଠିଛି। ପେଟପାଟଣା ଲାଗି ଗାଁ ତଥା ଘରଠୁ ବାହାରେ ରହି କାମ କରୁଥିବା ପ୍ରବାସୀମାନେ ନୂଆଁଖାଇରେ ସାମିଲ ହେବାକୁ ଘରକୁ ଫେରିଲେଣି। ଷ୍ଟେଶନ ଓ ବସଷ୍ଟାଣ୍ଡରେ ଭିଡ ଦେଖିବାକୁ ମିଳୁଛି। ଆଧୁନିକ ସଭ୍ୟତା ଯେତେ ଆଗେଇଲେ ମଧ୍ୟ ଗାଁ ହେଉକି ସହର ସବୁଠି ନୂଆଁଖାଇ ପ୍ରସ୍ତୁତି ଜୋରସୋରରେ କରା ଯାଉଛି। ମହିଳାମାନେ ଘରଦ୍ୱାର ସଫା ସୁତୁରାରେ ବ୍ୟସ୍ତ। କୋଠାଘର ରଙ୍ଗ ଦିଆ ଯାଉଛି। ମାଟି ଘରକୁ ଲିପି ଝୋଟି ଦିଆଯାଉଛି। ଇଷ୍ଟଦେବୀ ଓ ପରିବାର ସଦସ୍ୟଙ୍କ ପାଇଁ ନୂଆ ବସ୍ତ୍ର କିଣା ହେଉଛି । ଜିନିଷପତ୍ର କିଣାବିକି ପାଇଁ ଦୋକାନ, ବଜାରରେ ଭିଡ ଜମୁଛି।



ନୂଆଁଖାଇ ପାଇଁ ଜଣେ ବୃଦ୍ଧା ଘର ଲିପାପୋଛାରେ ବ୍ୟସ୍ତ।

ବିଭିନ୍ନ ସ୍ଥାନରେ ନୂଆଁଖାଇ ପାଇଁ ସ୍ୱତନ୍ତ୍ର ବଜାର ବସିଛି। ବଜାରରେ ବାଉଁଶ ପାଟିଆ ଓ ମାଟିର ପାତ୍ର, ପନିପରିବା, ଲୁଗାପଟା, ବାସନକୁସନ ବିକ୍ରି ହେଉଛି । ନୂଆଁ ଚାଉଳ ପାଇଁ ଅକ୍ଷୟ ତୃତୀୟା ସମୟରୁ ଧାନ ଚାଷ କରାଯାଇଥାଏ। ଚଳିତ ବର୍ଷ ବର୍ଷାର ଅନିୟମିତତା ଯୋଗୁ ଚାଷ କାମରେ ବାଧା ଦେଇଥିଲା । ହେଲେ ମଧ୍ୟ ସହରର ବିଭିନ୍ନ ସ୍ଥାନରେ ଧାନ ବିକ୍ରି ଆରମ୍ଭ ହୋଇଛି । ନୂଆଁଖାଇ ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ସମସ୍ତେ ପ୍ରସ୍ତୁତି ଚଳାଇଛନ୍ତି। ନୂଆ ଧାନର ଚାଉଳରୁ ପ୍ରସ୍ତୁତ ଅନ୍ନ ସହ ଘରେ ତିଆରି ହୋଇଥିବା କ୍ଷୀରି, ବିଭିନ୍ନ ପ୍ରକାର ପିଠା ପଣା ଓ ମିଷ୍ଟାନ ଦ୍ରବ୍ୟ ଓ ଫଳମୂଳ ଇଷ୍ଟ ଦେବାଦେବୀଙ୍କଠାରେ ଅର୍ପଣ କରାଯିବ। ଚାଷୀ ନିଜ ବିଲକୁ ଯାଇ ସବୁଜ ହୀରା ଭରା ଫସଲ ଓ ମାଁ ମାଟିକୁ ପୂଜା କରିବ। ଗୋରସ, ଫୁଲ, ଦୁବ, ଧୂପ, ଦୀପ ଦେଇ ଭଲ ଚାଷ ପାଇଁ କାମନା କରିବ। ଏହାପରେ ଘରେ ସମସ୍ତେ ଏକାଠି ସପରିବାର ବସି ପ୍ରସାଦ ସେବନ କରିବେ। ଗୁରୁ ଗୁରୁଜନଙ୍କଠାରୁ ଆଶୀର୍ବାଦ ନେବେ। ଏହି ପରମ୍ପରା ନିଆରା, ଯାହାକୁ ଜୁହାର ଭେଟ୍ ମଧ୍ୟ କୁହାଯାଏ।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି,
ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
- ଲାମାର୍ଟିନ



## ସଂକ୍ଷେପରେ

### ଧର୍ମପରାୟଣା ମହିଳାଙ୍କ ମୃତ୍ୟୁ



ଅତାବିରା, ୩୧।୮ (ଡି.ଏନ.ଏ)

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଦେଶକୁମ୍ଭାରୀ ଗ୍ରାମର ଜଣେ ଧର୍ମପରାୟଣା ମହିଳାଙ୍କ ମୃତ୍ୟୁ ଘଟିଛି । ମୃତା ମହିଳା ହେଲେ ଅଯୋଧା ମେହେର (୩୭) । ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ବର୍ଷେ ହେଲା ଚିକିତ୍ସାଧୀନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସମୟରେ ବୁର୍ଲା, ୱାଲଟିୟର, ଭୁବନେଶ୍ୱରର ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ମଧ ଅଯୋଧା ଭଲ ହୋଇ ନ ଥିଲେ। ଶେଷରେ ବରଗଡର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ଅବାଧରେ ଚାଲିଛି ସଟ୍ଟା କାରବାର

ଅତାବିରା, ୩୧।୮ (ଡି.ଏନ.ଏ)

ଅତାବିରା ଥାନା ଅଞ୍ଚଳରେ ଏକ ର୍ୟାକେଟ ସକ୍ରିୟ ହୋଇ ବିଭିନ୍ନ ଛକ, ଗଳିକନ୍ଦିରେ ଅବାଧରେ ସଟ୍ଟା କାରବାର ଚଳାଇଛନ୍ତି । ପୋଲିସର ନିଷ୍କ୍ରିୟତାର ସୁଯୋଗ ନେଇ ସେମାନେ ଖୋଲାଖୋଲି କାରବାର କରୁଛନ୍ତି । ଆଉ ଦୁଇ ଦିନ ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ । ଏହାକୁ ନ୍ଦ କରିବା ପାଇଁ ଦାବି ହେଉଛି । ଏ ବିଷୟରେ ଅତାବିରା ଥାନା ଆଇଆଇସି ପୁରୋଷତ୍ତମ ଭୋଇ ଓ ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆଙ୍କୁ ପଚରାଯିବାରୁ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି କହିଥିଲେ ।

### ଟି.ଗଣ୍ଡପାଲିରେ ଯୁବ ସାଂସଦ କାର୍ଯ୍ୟକ୍ରମ

ବିଜେପୁର, ୩୧।୮ (ଡି.ଏନ.ଏ)

ବିଜେପୁର ବ୍ଲକ ଟି. ଗଣ୍ଡପାଲିରେ ପଡୋଶୀ ଯୁବ ସାଂସଦ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭରତ ସାହା ମୁଖ୍ୟଅତିଥି, କବି ମକରଧ୍ୱଜ ସାହୁ, ରାମପ୍ରସାଦ ସାହୁ, ଖଗେଶ୍ୱର ଭୋଇ, ଗୁରୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜଳଶକ୍ତି ସଂରକ୍ଷଣ, ଦକ୍ଷତା ବିକାଶ ତାଲିମ ନେଇ ଆତ୍ମ ନିର୍ଭରଶୀଳ ହୋଇ ସ୍ୱାବଲମ୍ବୀ ହେବାକୁ ଯୁବକମାନଙ୍କୁ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ଫିଟ ଇଣ୍ଡିଆ ପାଇଁ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ନେଇ ବିକ୍ରମ ସେଠ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଟି. ଗଣ୍ଡପାଲି, ଖରମୁଣ୍ଡା, ଜାଗିଂ, ସମଲାଇପଦର, ଧୂମାପାଲି, ରଙ୍ଗମାଟିଆ ଗ୍ରାମର ଯୁବକଗଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ତ୍ରିଲୋଚନ ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୁଶାନ୍ତ କାଲସା ଧନ୍ୟବାଦ ଅର୍ପଣ କରିଥିଲେ ।

■ ଲଘୁଚାପ ବର୍ଷାରେ ୪ ପରିବାର ବେଘର

# ପରମ୍ପରା ବଞ୍ଚାଇବାକୁ ପାଳିବେ ନୂଆଁଖାଇ

ବିଜେପୁର, ୩୧।୮ (ଡି.ଏନ.ଏ)

ପଶ୍ଚିମ ଓଡିଶାର କୃଷିଭିତ୍ତିକ ପର୍ବ ନୂଆଁଖାଇକୁ ଆଉ ମାତ୍ର ଦୁଇ ଦିନ ବାକି । ଗାଁଠୁ ସହର ସବୁଆଡେ ନୂଆଁଚରା ଭକ୍ଷଣ କରିବାକୁ ଜୋରସୋରରେ ପ୍ରସ୍ତୁତି ଚାଲିଛି । ହେଲେ ଲଘୁଚାପ ଜନିତ ବର୍ଷା କିଛି ଦରିଦ୍ର ପରିବାରଙ୍କୁ ଦୁଃଖ ଦେଇଛି । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ନୂଆଁଖାଇ ଫିକା ପଡିଯାଇଛି । ବରଗଡ ଜିଲା ବିଜେପୁର ବ୍ଲକ ପେନିଆଁଚାଲ ପଞ୍ଚାୟତ ସଦର ମହକୁମାର ସୁଦାମ ଭୋଇ, ତୁଳସୀ ପ୍ରସାଦ ବାଗ, ଜୟଗୋପାଳ ଡନସନା, ମନ୍ମଥ ଭୋଇ ମୂଲମଜୁରୀ ଲାଗି ପରିବାର ପୋଷଣ କରୁଥିଲେ । ମାଟି, ଖପରୁଲି ଘରେ ସେମାନେ ଖରା, ବର୍ଷା, ଶୀତ ସହି ପଡି ରହିଥିଲେ । ହସଖୁସିରେ ସେମାନଙ୍କ ଦିନ କଟିଯାଉଥିଲା । ହେଲେ ଗତ ଲଘୁଚାପ ଜନିତ ବର୍ଷାରେ ସେମାନଙ୍କ ମାଟି ଘର ଭୁଷୁଡି ଯାଇଛି।



ବର୍ଷାରେ ଭୁଷୁଡି ପଡିଥିବା ମାଟିଘର ନିକଟରେ ସୁଦାମ ଭୋଇ ।

ଫଳରେ କିଏ ନିଜର ଭଙ୍ଗା ଦଦରା ପରଛିରେ ତ ଆଉ କିଏ ଅନ୍ୟର ବାରଣ୍ଡାରେ ମୁଣ୍ଡ ଗୁଞ୍ଜିଥିବା ଜଣାପଡିଛି। ଦାରିଦ୍ର ସୀମାରେଖା ତଳେ ବସବାସ କରୁଥିବା ଏହି ପରିବାର ଲୋକଙ୍କ ପାଇଁ ରାସନ କାର୍ଡ ଖଣ୍ଡକ ଏକମାତ୍ର ସାହା ଭରସା ହୋଇଛି । ଖପରୁଲି ମାଟି ଘରଟିଏ ତୋଳିବାକୁ ସେମାନଙ୍କ ନିକଟରେ ଅର୍ଥ ପ୍ରତିବନ୍ଧକ ସାଜିଥିବାରୁ ୪ ପରିବାରଙ୍କ ଆଖିରୁ ନିଦ ହଜିଯାଇଛି । ଲଘୁଚାପ ଜନିତ ବର୍ଷା ଚାଷୀ ମୁହଁରେ ହସ ଫୁଟାଇଛି । ହେଲେ ଏହା ଆମ ଗରିବଙ୍କୁ ଦାଉ ସାଧିଛି । ବେଘର କରି ଦେଇଛି। ବହୁ କଷ୍ଟରେ ପିଲା ଛୁଆଙ୍କୁ ନେଇ ଭଙ୍ଗା ଦଦରା ପରଛିରେ ଦିନ ବିତୁଛି । ଏଇ ବର୍ଷା ଆମ ମୁହଁରୁ ନୂଆଁଖାଇର ସରସତା ଛଡାଇ ନେଇଛି । କିନ୍ତୁ ଆମ ସଂସ୍କୃତିର ପର୍ବକୁ ଯେମିତି ହେଲେ ପାଳନ କରିବୁ । ସରକାର ଆର୍ଥିକ ସହାୟତା ଯୋଗାଇ ଦେବା ଦିଗରେ ଦୃଷ୍ଟି ଦେବାକୁ ସୁଦାମ ଭୋଇ ଦାବି କରିଛନ୍ତି ।

## ସମସ୍ୟା ଭିତରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଜାମଟିକ୍ରା, ୩୧।୮ (ଡି.ଏନ.ଏ)

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗାନ୍ଧୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏବେ ବିଭିନ୍ନ ସମସ୍ୟା ଲାଗି ରହିଛି । ଏହି ସ୍କୁଲରେ ସାମାନ୍ୟ ବର୍ଷା ହେଲେ ସ୍କୁଲ ପରିସରରେ ଆଣ୍ଠୁଏ ପାଣି ଜମୁଛି । ଏହି ଆଣ୍ଠୁଏ ପାଣି ଦେଇ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ପ୍ରବେଶ କରନ୍ତି । ସ୍କୁଲରେ ଥିବା ପାଇଖାନା ଗୁଡିକ ବ୍ୟବହାର କରାଯାଉନାହିଁ । ଫଳରେ ଛାତ୍ରୀଛାତ୍ରମାନେ ବାହାରେ ଶୌଚ କରନ୍ତି। ପାଚେରୀ ନିର୍ମାଣ କରିବା ଆଳରେ ସ୍କୁଲରେ ଥିବା ବିରାଟ ଗଛ ଗୁଡିକ କାଟି ଦିଆଯାଇଛି। ତାରବାଡ ଗୁଡିକ ମଧ ଭାଙ୍ଗି ଦିଆଯାଇଛି। ତେଣୁ ଅନାୟାସରେ ଗାଈ ଗୋରୁ, ଛେଳି ମେଣ୍ଢା ସ୍କୁଲହତାକୁ ପ୍ରବେଶ କରୁଛନ୍ତି। ସ୍କୁଲ ପରିସର ଭିତରେ କେତେକ ଲୋକ ଛତୁ ଚାଷ ପାଇଁ ପାଳଗଦା କରିଛନ୍ତି । ମାଙ୍କଡ ସ୍କୁଲ ଆଡବେଷ୍ଟସ ଭାଙ୍ଗି ଦେଉଛନ୍ତି । ବର୍ଷା ହେଲେ ସ୍କୁଲ କୋଠାରେ ପାଣି ଗଳୁଛି। ସ୍କୁଲ ପରିବେଶ ଏମିତି ହୋଇଛି ଯେ, ସବୁବେଳେ ସାପ ବିଛା ଭୟ ରହୁଛି। ଦୀର୍ଘ ୫ ବର୍ଷ ହେଲା ପୁରୁଣା କମିଟିରେ ସ୍କୁଲ ଚାଲିଛି । ଏ ପର୍ଯ୍ୟନ୍ତ ନୂତନ କମିଟି ଗଠନ କରାଯାଇନାହିଁ । ଦୀର୍ଘ ଗୋଟିଏ ବର୍ଷ ବେସରକାରୀ ଭାବେ ଜଣେ ଯୁବକ ଶିକ୍ଷାଦାନ କରୁଥିଲେ। ସେ ପାରିଶ୍ରମିକ ନ ପାଇବାରୁ ସ୍କୁଲରେ ପାଠ ପଢ଼ାଇବା ଛାଡିଦେଲେ । ଏ ସମ୍ପର୍କରେ ସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ ଭୁଏଙ୍କୁ ପଚାରିବାରୁ ସେ କହିଲେ, ସ୍କୁଲ ଏରିଆ କେତେ ଅଛି ଓ ଗଛ କଟା ବାବଦରେ ମୁଁ କିଛି ଜାଣିନାହିଁ । ଅତାବିରା ବ୍ଲକ ଶିକ୍ଷାଧିକାରୀ ରାଜାରାମ ମେହେରଙ୍କୁ ସ୍କୁଲ ସମସ୍ୟା ବାବଦରେ ପଚାରିବାରୁ ତୁରନ୍ତ ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି କହିଥିଲେ ।

## ଶିକ୍ଷକ ବଦଳି ବାତିଲ ଦାବି

ପଦ୍ମପୁର, ୩୧।୮ (ଡି.ଏନ.ଏ)

ରାଜବୋଡାସମ୍ବର ପଦ୍ମପୁର ବ୍ଲକ ବାନ୍ଧୁପାଲି ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରମାନେ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି । ଗତବର୍ଷ ଶିକ୍ଷକ ଅଭାବରୁ ପରୀକ୍ଷା ଫଳ ବେଶ ଭଲ ହୋଇ ନ ଥିଲା । ଚଳିତ ବର୍ଷ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସିରିନ ଆରାଙ୍କୁ ଗାଇସିଲେଟ ଆଦର୍ଶ ବିଦ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଏଯାଏ ଅନ୍ୟ କୌଣସି ଶିକ୍ଷକ ନିଯୁକ୍ତି ପାଇପାରିନାହାନ୍ତି । ତେଣୁ ପୁନଶ୍ଚ ଶିକ୍ଷାଦାନ ବାଧାପ୍ରାପ୍ତ ହେବ। ଶିକ୍ଷକ ଅଭାବ ଯୋଗୁ ପାଠପଢ଼ା ଅସୁବିଧା ହେଉଥିବା ପ୍ରତିବାଦରେ ଶନିବାର ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ପଦ୍ମପୁର ସହର ପରିକ୍ରମା କରି ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ନୂତନ ନିଯୁକ୍ତି ନ ଦେବା ପର୍ଯ୍ୟନ୍ତ ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ ବାତିଲ କରିବା ପାଇଁ ସେମାନେ ଦାବି କରିଛନ୍ତି ।



ଛାତ୍ରୀଛାତ୍ର ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି ।

## ଭେଡ଼େନରେ ଜେଏମଏଫସି କୋର୍ଟ ଉଦ୍‌ଘାଟିତ




ମୁଖ୍ୟ ଅତିଥି ଜଷ୍ଟିସ ଦେବବ୍ରତ ଦାଶ କୋର୍ଟ ଉଦଘାଟନ କରୁଛନ୍ତି ।

ଭେଡ଼େନ,୩୧।୮ (ଡ଼ି.ଏନ.ଏ)

ଭେଡ଼େନ ଠାରେ ଶନିବାର ବହୁ ପ୍ରତିକ୍ଷିତ ସିଭିଲ ଜଜ୍ ଜୁନିୟର ଡ଼ିଭିଜନ ତଥା ଜେଏମଏଫସି କୋର୍ଟ ଉଦଘାଟିତ ହୋଇଛି । ଭେଡ଼େନ ତହସିଲ ଅଫିସ ନିକଟସ୍ଥ ଭେଡ଼େନ ବାର୍ ଅଫିସଠାରେ ଏହି ନ୍ୟାୟାଳୟକୁ ହାଇକୋର୍ଟ ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭେଡ଼େନ ବାର ଆସୋସିଏଶନ ସଭାପତି ଜଗତ ଭୂଷଣ ଶତପଥିଙ୍କ ସଭାପତିତ୍ୱରେ ହୋଇଥିବା ଉଦଘାଟନୀ ଉତ୍ସବରେ ଜଷ୍ଟିସ ଦାଶ ମୁଖ୍ୟଅତିଥି, ବରଗଡ଼ ଜିଲା ସେସନ ଜଜ୍ ଏସ. ଏ. କେ. ଜାହିର ଅହମ୍ମଦ, ହାଇକୋର୍ଟର ଭିଜିଲାନ୍ସ ରେଜିଷ୍ଟ୍ରାର ଲଳିତ କୁମାର ଦାଶ, ବରଗଡ଼ ଜିଲାପାଳ ଜ୍ୟୋତି ରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ନ୍ୟାୟାଳୟ ସ୍ଥାନୀୟ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ସାହାଯ୍ୟ କରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ସଂଘର ବରିଷ୍ଠ ସଭ୍ୟ ନରେନ୍ଦ୍ର କୁମାର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରକ୍ଷାକାରୀ ଠେଲା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି କୋର୍ଟ ପରିସରରେ ଏକ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭେଡ଼େନ ସମେତ ବରଗଡ଼ ଜିଲାର ଅନ୍ୟ ବାର୍ ଆସୋସିଏଡ଼ନର ସଦସ୍ୟ ଯୋଗ ଦେଇଥିଲେ । ଭେଡ଼େନରେ ଦେୱାନୀ ବିଚାରପତି (କନିଷ୍ଠ) ତଥା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଭାବେ ଶରତ କୁମାର ସାହୁ ଶନିବାର ଯୋଗ ଦେଇଛନ୍ତି।

### ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ

ବରଗଡ଼ ଅଫିସ୍,୩୧।୮

ବରଗଡ଼ ବ୍ଲକ ଅନ୍ତର୍ଗତ ବିରମାଲ ମଧ୍ୟପଡ଼ା ଜଗନ୍ନାଥ ମନ୍ଦିରରେ ଗଣେଶ ପୂଜା ଓ ନୂଆଖାଇ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭଜନ ସନ୍ଧ୍ୟା, ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିର କରାଯାଇଥିଲା । ସେହିପରି ପୂଜା କମିଟି କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଏଥିରେ ସନ୍ତୋଷ ସାହୁ ସଭାପତି, ବଲରାମ ସାହୁ ସମ୍ପାଦକ ମନୋନିତ ହୋଇଥିଲେ । ସେହିପରି ତାରାଚାନ୍ଦ ସାହୁ, ପ୍ରଶାନ୍ତ ଦାଶ, ସୁଶାନ୍ତ ଦାଶ, ଅମିଲ ବାଗ, ଭଗବାନ ଦାଶଙ୍କୁ ସଭ୍ୟ ଭାବେ ମନୋନିତ କରାଯାଇଥିଲା ।

### ନୂଆଖାଇ ପାଇଁ ମିଳୁନି ନୂଆ ଧାନ

ଅତାବିରା, ୩୧।୮ (ଡି.ଏନ.ଏ)

ପଶ୍ଚିମ ଓଡିଶା ଗଣପର୍ବ ନୂଆଁଖାଇ ପାଇଁ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ସବୁଠି ଚଳଚଞ୍ଚଳ ହୋଇ ପଡିଛି । ଏବେ ଠାରୁ ସପ୍ତାହିକ ବଜାର, ଦୋକାନ ବଜାରରେ ଭିଡ ଜମୁଛି । ଆସନ୍ତା ମଙ୍ଗଳବାର ସବୁଆଡେ ନୂଆଁଖାଇ ପାଳନ ହେବ। ସମସ୍ତେ ନିଜ ପରିବାର ସଦସ୍ୟା ସଦସ୍ୟମାନଙ୍କ ପାଇଁ ନୂଆ ବସ୍ତ୍ର କିଣାକିଣି କରିସାରିଲେଣି । ହେଲେ ନୂଆଁଖାଇଁ ପୂର୍ବ ଦିନରୁ ଗାଁ ଗୁଡିକର ଝାଙ୍କରମାନେ ନୂଆ ଧାନ ସଂଗ୍ରହ କରି ଘରେ ଘରେ ଦେଇଥାନ୍ତି। ଚଳିତ ଖରିଫ ଫସଲ ଆରମ୍ଭରୁ ବିଳମ୍ବ ହେବାରୁ ନୂଆ ଧାନ କେଉଁଠୁ ଆଣିବେ ସେହି ଚିନ୍ତାରେ ଝାଙ୍କରମାନେ ପଡିଛନ୍ତି ।

### ମନ୍ଦିର ଭାଙ୍ଗିବା ଘଟଣାର ପ୍ରତିବାଦ

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ବରଗଡ଼ ଅଫିସ୍,୩୧।୮

ଦିଲ୍ଲୀସ୍ଥିତ ତୁଗଲକବାଗରେ ଥିବା ସନ୍ଥକବି ରବିଦାସଙ୍କ ମନ୍ଦିର ଓ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣାକୁ ବରଗଡ଼ ଜିଲା ଡଃ ଆମ୍ବେଦକର ଯୁବା ସଂଘ ନିନ୍ଦା କରିଛି। ଏହାର ପ୍ରତିବାଦରେ ଶନିବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଦିଲ୍ଲୀ ତୁଗଲକବାଗରେ ସନ୍ଥକବି ରବିଦାସଙ୍କ ଯେଉଁ ପ୍ରତିମୂର୍ତ୍ତି ଭଙ୍ଗା ଯାଇଛି ତାହା ୬୦୦ ବର୍ଷ ତଳର ଅଟେ । ତେବେ ସରକାରୀ ଜାଗାରେ ବହୁ ମନ୍ଦିର ରହିଥିବାବେଳେ କେବଳ ସେହି ମନ୍ଦିରକୁ ଭଙ୍ଗାଯିବା ଆଦୌ ସମୀଚୀନ ନୁହେଁ ବୋଲି ସଂଘର କର୍ମକର୍ତ୍ତାମାନେ ପ୍ରକାଶ କରି ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କରିଛନ୍ତି । ଫଳରେ ସେହି ମନ୍ଦିର ନିର୍ମାଣ ସହିତ ପ୍ରତିମୂର୍ତ୍ତିକୁ ପୁନଃ ସ୍ଥାପନ ଏବଂ ଗତ ୨୧ତାରିଖ ରାମଲୀଳା ମଇଦାନରେ ଏହି ଘଟଣାରେ ଗିରଫ ଲୋକଙ୍କୁ ମୁକ୍ତ କରାଯାଉ ବୋଲି ସଂଘ ସଭାପତି ସୁରେନ୍ଦ୍ର କୁମାର ତାଣ୍ଡି, ବାଳମୁକୁନ୍ଦ ଜଗଦଲା, ଗୋପାଳ ପାତ୍ର, ହେମନ୍ଦ ଜଗଦଲା, ସୁଶାନ୍ତ କୁମ୍ଭାର ପ୍ରମୁଖ ଦାବି କରିଛନ୍ତି ।

## ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ

ପଦ୍ମପୁର, ୩୧।୮ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ବୁଧାପାଲି ଗ୍ରାମରେ ଯୁବ ସାଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବ ଗୋଷ୍ଠୀ ଫିଟ୍ ଇଣ୍ଡିଆ, ସ୍ୱଚ୍ଛ ଭାରତ, ଜଳଶକ୍ତି ସଂରକ୍ଷଣ, ଦକ୍ଷତା ବିକାଶ ଆଦି ଅଭିଯାନରେ ସାମିଲ ହୋଇ ଆତ୍ମ ନିର୍ଭରଶୀଳ ଓ ସ୍ୱାଭିମାନ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫଟାମୁଣ୍ଡା, ଭେଉଁରିଆ, ଗମ୍ଭାରୀଡିହି, ବୁଧାପାଲି ଗ୍ରାମର ଯୁବଗୋଷ୍ଠୀ ଯୋଗଦାନ କରି ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ନେଇ ଶପଥ ପାଠ କରିଥିଲେ । ବରଗଡ ଜିଲା ଯୁବ କେନ୍ଦ୍ର ପ୍ରତିନିଧି ତ୍ରିଲୋଚନ ଶତପଥୀ ସ୍ୱାବଲମ୍ବୀ ହେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ମାର୍ଗ ଦର୍ଶନ ଦେଇଥିଲେ। କିଶୋର ବହିଦାର, ସତ୍ୟକୁମାର ତୁରିଆ, ଡୋଲାମଣି ପଟେଲ, ସୁଶାନ୍ତ ମହାପାତ୍ର, ଟୁନୁ ତୁମୁନିଆ, ଟିକେଶ୍ୱର ବାଗ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ । ଶେଷରେ ତ୍ରିଲୋଚନ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୪୪୦ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ

ସୋହେଲା,୩୧।୮(ଡି.ଏନ.ଏ)

ସୋହେଲା ବ୍ଲକ ଅଫିସଠାରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ ମୁଖ୍ୟଅତିଥି, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା ଓ ଦୟାନିଧି ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ସଭାପତିତ୍ୱ କରିଥିଲେ। ଭାରପ୍ରାପ୍ତ ବିଡିଓ ଅଶୋକ ଗଡତିଆ ସ୍ୱାଗତ ଭାଷଣ ଦେଇଥିଲେ। ଡବ୍ଲ୍ୟୁଇଓ ଅତିଶ କୁମାର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ବାଉଁସେନମୁରା ପଞ୍ଚାୟତର ୧୧୧ଜଣ, ଛୁରିଆପାଲି ୧୦୬, ଡୁମ୍ବେରପାଲି ୧୩୧, ଘେଁସ ୮୮, ଝର ୪୦, କଲଙ୍ଗାପାଲି ୩୧, ଜଟଲା ୫୯, କନାପାଲି ୭୨, କନଗାଁ ୧୨୮, କରଣ୍ଡୋଲା ୫୭, ପାଣିମୋରା ୧୧୩, ରେଙ୍ଗାଲି ୧୨୮, ସନିମାଲ ୮୪, ସର୍କଣ୍ଡା ୬୧ଜଣ, ସୋହେଲା ୯୧ଜଣ ଓ ଟୁଙ୍ଗିବନ୍ଧଲୀ ପଞ୍ଚାୟତର ୧୪୦ ଏହିପରି ମୋଟ୍ ୧୧୪୦ଜଣଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ।




ମନ୍ତ୍ରୀ ସୁଶାନ୍ତ ସିଂ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି ।

■ ସୁନେତ୍ର କାର୍ଯ୍ୟକ୍ରମ ପାଇଁ ତାଲିମ ଶିବିର

## ପିଲାଙ୍କ ଚକ୍ଷୁର ଅବସ୍ଥା ପରଖିବେ ଶିକ୍ଷକ

ଭଟଲି,୩୧।୮(ଡି.ଏନ.ଏ)

ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ଚକ୍ଷୁ ରୋଗରେ ପୀଡ଼ିତ ହେଉଛନ୍ତି। ଏପରିକି ପାଠ ପଢ଼ିବା ସମୟରେ ସେମାନେ ବିଦ୍ୟାଳୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟ ସ୍ତରରେ ଶିକ୍ଷକମାନେ ଉପଯୁକ୍ତ ତାଲିମ ଅଭାବରୁ ସେଭଳି ଶିଶୁମାନଙ୍କୁ ପରଖି ପାରୁନାହାନ୍ତି। ଡାକ୍ତରୀ ଦଳ ବିଦ୍ୟାଳୟକୁ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଗଲା ପରେ ଯାଇଁ ସେହି ଅସୁବିଧା ଗୁଡ଼ିକ ଦୃଷ୍ଟିଗୋଚର ହେଉଛି। ଯାହା ଶିଶୁମାନଙ୍କ ପାଇଁ ପରେ କାଳ ସାଜୁଛି ଏବଂ ସେମାନେ କଷ୍ଟ ଅନୁଭବ କରୁଛନ୍ତି। ଏଥିପାଇଁ ବରଗଡ଼ ଜିଲା ଭଟଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ସୁନେତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟେକ ବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ସେଭଳି ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ ଶିଶୁମାନଙ୍କୁ ଚିହ୍ନଟ କରିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା।




ସୁନେତ୍ର ତାଲିମ ଶିବିରରେ ମଞ୍ଚାସୀନ ଅତିଥି ।

ଉଭୟ ଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ବିଇଓ ଅଧିକାରୀ ଛତ୍ରପତି ସାହୁ ଅଧ୍ୟକ୍ଷତା କରିଥିଲେ । ସିଆରସିସି ହରିବନ୍ଧୁ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ଚକ୍ଷୁ ବିଶେଷଜ୍ଞ ଭାଗ୍ୟଧର ବେହେରା, ବିରେନ୍ଦ୍ର କୁମାର ଦାଶ ଏବଂ ଅନାମିକା ପତିହାରୀ ଉପସ୍ଥିତ ରହି ଶିକ୍ଷୟିତ୍ରୀ ଶକ୍ଷକ ଏବଂ କେନ୍ଦ୍ର ସାଧନ ସଂଯୋଜକ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏବିଇଓ ଅରୁଣ କୁମାର ବେହେରା, ଭଟଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତେଜରାଜ ସାହୁ ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟବତୀ ସାହୁ ମଞ୍ଚାସୀନ ଥିଲେ । ଏଥିପାଇଁ ଆସନ୍ତା ୧୧ ତାରିଖରେ ଭଟଲି ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସର ଏବଂ ୧୨ ତାରିଖରେ ଝାଙ୍କରପାଲି ବିଦ୍ୟାଳୟରେ ଏକ ସେବା ଶିବିର କରାଯାଇ ଶିକ୍ଷକ ମାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ଶିଶୁମାନଙ୍କୁ ପୁଣିଥରେ ପରୀକ୍ଷା କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ରହିଥିବା ବିଇଓ ସାହୁ ପ୍ରକାଶ କରିଛନ୍ତି । ଏହି ଶିବିରରେ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ । ଛନ୍ଦାଚରଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି,
ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
- ଲାମାର୍ଟିନ



## ସଂକ୍ଷେପରେ

### ବଜ୍ରପାତରେ ବୃଦ୍ଧ ଗୁରୁତର

ବୌଦ୍ଧ,୩୧।୮(ସ୍ୱ.ପ୍ର)
ବୌଦ୍ଧ ବ୍ଲକ ଚଣ୍ଡିଗଲ ଗ୍ରାମର ଖଗେଶ୍ୱର ଗାଇଗୌରିଆ (୭୨) ଶନିବାର ଅପରାହ୍ଣରେ ବିଲକୁ କାମ କରିବାକୁ ଯାଉଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା । ଏଥିରେ ସେ ଗୁରୁତର ଆହତ ହୋଇଥିଲେ । ଗ୍ରାମବାସୀ ତାଙ୍କୁ ବିଲରୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡିଛି।

### ବୋଲେରୋ ଦୁର୍ଘଟଣାଗ୍ରସ୍ତ, ଡ୍ରାଇଭର ଗୁରୁତର

ପୁରୁଣାକଟକ,୩୧।୮(ଡି.ଏନ.ଏ)
ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ବୀରନରସିଂହପୁର ନିକଟରେ ଶନିବାର ଭୋର୍ ସମୟରେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହେବାରୁ ଡ୍ରାଇଭର ଗୁରତର ଆହତ ହୋଇଛନ୍ତି । ଏହି ଜାତୀୟ ରାଜପଥ ଦେଇ ସମ୍ବଲପୁରରୁ ମାଛ ଖାଲି କରି ବୌଦ୍ଧ ଦେଇ ଖୋର୍ଦ୍ଧାକୁ ଫେରୁଥିବା ଏକ ବୋଲେରୋ (ନଂ.ଓଡି୦୨ବିବି/୦୨୮୧) ଭାରସାମ୍ୟ ହରାଇ ବୀରନରସିଂହପୁର ନିକଟରେ ଏକ ଗଛରେ ଧକ୍କାଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଚାଳକ ରବିନ୍ଦ୍ର ନାଏକ ଗାଡିରେ ଚାପି ହୋଇଯାଇଥିଲେ। ଖବର ପାଇ ବୌଦ୍ଧ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗାଡିରୁ ଡ୍ରାଇଭରଙ୍କୁ ବାହାର କରି ବୌଦ୍ଧ ଡାକ୍ତରଖାନାକୁ ପଠାଇଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ବୌଦ୍ଧ ପୋଲିସ ଘଟଣାର ତଦନ୍ତ କରୁଛି ।

### କ୍ଷତିପୂରଣ ରାଶିକୁ ନେଇ ଅସନ୍ତୋଷ, ଫେରସ୍ତ କଲେ ଚେକ୍

ତଲଗାଁ,୩୧।୮(ଡି.ଏନ.ଏ)
ହରଭଙ୍ଗା ବ୍ଲକର କୁଶଙ୍ଗ ବନାଞ୍ଚଳ ପକ୍ଷରୁ ଜଙ୍ଗଲି ଜନ୍ତୁଙ୍କ ଦ୍ୱାରା ଚାଷ କ୍ଷୟକ୍ଷତି ଅର୍ଥ ରାଶିକୁ ନେଇ ହିତାଧିକାରୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି । ବନ୍ୟ ପ୍ରାଣ୍ୟ ବିଭାଗ ପକ୍ଷରୁ ଶୀତଲପାଣି ଗ୍ରାମର କ୍ଷତିଗ୍ରସ୍ତ ଚାଷୀଙ୍କୁ ଚେକ୍ ପ୍ରଦାନ କରାଯାଇଥିଲା । ଗତବର୍ଷ ଉକ୍ତ ଗ୍ରାମରେ ଜଙ୍ଗଲି ବାରହା, ହରିଣ ଓ ସମ୍ବର ପଶି ରବି ଓ ଖରିଫ ଫସଲ ଖାଇବା ସହ ନଷ୍ଟ କରିଥିଲେ । ଏ ନେଇ ଗ୍ରାମର ପ୍ରଶାନ୍ତ ସାହୁ, ଦୁର୍ଯ୍ୟୋଧନ ବେହେରା, ରବି ବେହେରା, ବଦ୍ରି ପାତ୍ର, ବୀର ବେହେରା ଓ ହିଞ୍ଜଳ ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନଙ୍କ ଚାଷ ନଷ୍ଟ ହୋଇଥିବା ନେଇ କୁଶଙ୍ଗ ବନାଞ୍ଚଳ ଅଧିକାରୀଙ୍କୁ ଜଣାଇଥିଲେ। ଏମାନଙ୍କର ୨ରୁ ୩ ଏକର ଲେଖାଁଏ ଚାଷ ଜମି ନଷ୍ଟ ହୋଇଥିବା ବେଳେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପ୍ରଶାନ୍ତ ସାହୁଙ୍କୁ ୧ ହଜାର ଟଙ୍କା ଓ ଅନ୍ୟ ମାନଙ୍କୁ ୩ ହଜାର ଟଙ୍କା ଲେଖାଏ ସହାୟତା ରାଶି ଦିଆଯାଇଥିଲା। ଏକର ଏକର ଚାଷ ନଷ୍ଟ ହୋଇଥିବା ବେଳେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ମାତ୍ର କିଛି ଅର୍ଥ ପ୍ରଦାନ କରାଯାଉଥିବାରୁ ହିତାଧିକାରୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ସେମାନେ ବନ୍ୟପ୍ରଣୀ ବିଭାଗକୁ ଚେକ୍ ଫେରସ୍ତ କରିଛନ୍ତି । ଏ ନେଇ କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜର ଅଶୋକ ଦାସଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ ଫୋନ ଲାଗି ନ ଥିଲା ।

# ଏବେଠୁ ଜମିଲାଣି ତିହାର ହାଟ



ବରଗଡ଼ ଥାନାଛକ ତିହାର ହାଟରେ ନୂଆଧାନ ଧରି ଗରାଖ ଅପେକ୍ଷାରେ ବେପାରୀ ।

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୩୧।୮**

ଆଉ ଦୁଇଦିନ ପରେ ପଶ୍ଚିମଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ । ଆସନ୍ତା ମଙ୍ଗଳବାର ଏହି ପର୍ବ ପାଳିତ ହେବ । ଏଥିପାଇଁ ସଭିଙ୍କ ମନରେ ଉତ୍ସାହ, ଉଦ୍ଦୀପନା ଭରି ରହିଛି । ଘରେ ଘରେ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି। ଘର ଲିପାପୋଛାଠାରୁ ଆରମ୍ଭ କରି ସଜବାଜରେ ଗୃହିଣୀମାନେ ଲାଗିପଡ଼ିଥିବାବେଳେ ପରିବାର ସହିତ ନୂଆଖାଇ ପାଳନ କରିବା ପାଇଁ ଗାଁ ବାହାରେ ଅବସ୍ଥାନ କରୁଥିବା ଲୋକଙ୍କ ଘର ବାହୁଡ଼ା ଆରମ୍ଭ ହୋଇଛି । ଅପରପକ୍ଷେ ଏହି ପର୍ବ ଅନ୍ୟ ଲୋକଙ୍କୁ ରୋଜଗାର ମଧ୍ୟ ଯୋଗାଇଥାଏ । ସେହି ଦୃଷ୍ଟିରୁ ବରଗଡ଼ ସହର ଥାନା ଛକ ତିହାର ହାଟ ବସିଲାଣି। ନୂଆଧାନ ସହିତ ରାଖୀ ଆଦି ସାମଗ୍ରୀ ସହିତ ସେହି ହାଟରେ ବେପାରୀମାନେ ପସରା ମେଲାଇ ବସିଥିବାବେଳେ ଗରାଖଙ୍କ ମଧ୍ୟ ଭିଡ଼ ଜମିବାରେ ଲାଗିଛି । ରବିବାର ଆମେ ଏହି ତିହାର ହାଟର କିଛି ବେପାରୀଙ୍କୁ ଭେଟିଥିଲୁ । ସେମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା ।

## ନୂଆଖାଇକୁ ଦୁଇ ଦିନ ବାକି



"ଆଜି ଏହି ପସରା ବସାଇଛି । ବେପାର ସେଭଳି କିଛି ହୋଇନାହିଁ । ନୂଆଖାଇକୁ ଆଉ ଦୁଇଦିନ ବାକି ରହିଛି । ସେହି ଦୁଇଦିନରେ ଯାହା ବିକ୍ରିବଟା ହେବ । ଆମେ ମଧ୍ୟ ନୂଆଖାଇ ପାଳନ କରୁ । ହେଲେ ଆମଠାରୁ ନୂଆଧାନ କିଣି ଲୋକେ ନୂଆଖାଇ ପାଳନ କରୁଥିବା ଯୋଗୁ କେବଳ ଦୁଇ ପଇସା ରୋଜଗାର କରୁ, ତାହା ନୁହେଁ । ସେଥିରୁ ଆମକୁ ବହୁତ ଖୁସି ମଧ୍ୟ ମିଳିଥାଏ । **-ରୁଦନା ବାଗ, ବାଞ୍ଝିଝୁମ୍ପିଡ଼ି**



"ପ୍ରାୟ ପ୍ରତିବର୍ଷ ନୂଆଖାଇ ଆଗରୁ ଏଠାରେ ଏଭଳି ପସରା ବସାଇଥାଏ । ପଦ୍ମପୁର ଅଞ୍ଚଳରୁ ବେପାରୀମାନେ ନୂଆଧାନ ଧରି ଏଠାକୁ ଆସିଥାନ୍ତି । ସେମାନଙ୍କଠାରୁ ଆମେ ତାହା କିଣିଥାଉ । ଉଭୟ ଧାନକେଣ୍ଡା ଏବଂ ଧାନକେଣ୍ଡା ନ ଥିବା ଧାନ ସେମାନଙ୍କଠାରୁ ରଖିଥାଉ । ଧାନକେଣ୍ଡା ପ୍ରତି ୧୦ଟଙ୍କାରେ ବିକୁଛୁ । ସେହିଭଳି କେଣ୍ଡା ନ ଥିବା ଧାନକୁ ମଧ୍ୟ ଡବା ପ୍ରତି ୧୦ଟଙ୍କାରେ ବିକ୍ରି କରୁ ।
**-ବେଦ ଛତ୍ରିଆ, ବାଞ୍ଝିଝୁମ୍ପିଡ଼ି**



"ମାଟ୍ରିକ ପର୍ଯ୍ୟନ୍ତ ପଢ଼ିଛି । ଏହା ଦ୍ୱିତୀୟ ବର୍ଷ ହେବ ମୁଁ ଏଭଳି ପସରା ବସାଇଛି। ଘରେ ରାଖୀ ନିଜେ ତିଆରି କରିଥାଉ । ନୂଆଧାନକୁ ବେପାରୀମାନଙ୍କଠାରୁ କିଣି ରଖିଥାଉ । ତାହା ପୁଣି ଗରାଖଙ୍କ ପାଖରେ ବିକ୍ରି କରିଥାଉ । ଏଥର ସେଭଳି ଭିଡ଼ ହୋଇନାହିଁ । ମଙ୍ଗଳବାର ନୂଆଖାଇ ଥିବାରୁ ରବିବାର ଓ ସୋମବାର ଭିଡ଼ ହେବ ଏବଂ କିଛି ରୋଜଗାର ହେବ ବୋଲି ଆଶା ରଖିଛି । **-ସୁରଜ ମେହେର, ତଳିପଡ଼ା**

# ମା ଭୈରବୀ ମହୋତ୍ସବ-୨୦୧୯ ଲୋଗୋ ଉନ୍ମୋଚିତ

ପୁରୁଣାକଟକ,୩୧।୮(ଡି.ଏନ.ଏ)
ବୌଦ୍ଧ ଜିଲା ପୁରୁଣାକଟକରେ ଆସନ୍ତା ନଭେମ୍ବର ୨୦ରୁ ଆୟୋଜିତ ହେଉଥିବା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କ ରାଜ୍ୟସ୍ତରୀୟ ମହୋତ୍ସବ ପାଇଁ ଶନିବାର ମନ୍ଦିର ପ୍ରାଙ୍ଗଣରେ ମହୋତ୍ସବର ଲୋଗୋ ଉନ୍ମୋଚିତ ହୋଇଯାଇଛି । ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ମା' ଭୈରବୀ ମହୋତ୍ସବ କମିଟି ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୌଦ୍ଧ ବାର ଆସୋସିଏଶନ ସଭାପତି ତାରେଣି ମହାପାତ୍ର, ବରିଷ୍ଠ ଆଇନଜୀବୀ ଅଶୋକ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ରମେଶ ଚନ୍ଦ୍ର ତାରେଣିଆ ଅତିଥି ପରିଚୟ ଦେଇଥିଲେ । ମହୋତ୍ସବର ଆବାହକ ସୁକାନ୍ତ ପଟ୍ଟନାୟକ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମା ଭୈରବୀଙ୍କ ମହିମା ତଥା ଏହି ଅଞ୍ଚଳର କଳା, ସଂସ୍କୃତିକୁ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରଚାର ପ୍ରସାର ଲକ୍ଷରେ ଆୟୋଜିତ ହେଉଥିବା ଏହି ମହୋତ୍ସବ ଯେପରି ସଫଳ ହେବ ସେ ବିଷୟରେ ଆଲୋଚନା ହୋଇଥିଲା । ଶେଷରେ କମିଟି ସମ୍ପାଦକ ସୁରେନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିମାନେ ମହୋତ୍ସବ ଲୋଗୋକୁ ଉନ୍ମୋଚନ କରୁଛନ୍ତି ।

## ବାଇକ୍ ଦୁର୍ଘଟଣାରେ ମୃତ, ଦୁଇ ଗୁରୁତର

ପୁରୁଣାକଟକ, ୩୧।୮(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ହରେକୃଷ୍ଣପୁର ଶିବ ମନ୍ଦିର ଛକ ନିକଟରେ ଶନିବାର ସକାଳେ ଏକ ବାଇକ ଭାରସାମ୍ୟ ହରାଇ ଜଳଖିଆ ଦୋକାନ ଭିତରକୁ ପଶିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ଶିବ ସ୍ୱାଇଁ(୨୨) ।

ସୂଚନା ଅନୁସାରେ, ଉକ୍ତ ଜାତୀୟ ରାଜପଥ ଦେଇ ନୟାଗଡ ଜିଲା ସୋଲପଟା ଅଞ୍ଚଳର ଶିବ ସ୍ୱାଇଁ(୨୨), କାଉଁରୀ ସ୍ୱାଇଁ(୩୦) ଏବଂ ପ୍ରକାଶ ଖଟେଇ (୪୦) ଏକ ବଜାଜ୍ ଡିସକଭର ବାଇକ୍ (ନଂ. ଓଆର୨୫ପି/୭୩୫୭) ଯୋଗେ ବୌଦ୍ଧ ପଟୁ ଚାରିଛକ ଆଡ଼କୁ ଯାଉଥିଲେ । ଏହି ସମୟରେ ବାଇକଟି ଭାରସାମ୍ୟ ହରାଇ ହରେକୃଷ୍ଣପୁର ଶିବ ମନ୍ଦିର ଛକର ବାମ ପାର୍ଶ୍ୱରେ ଥିବା ଏକ ଜଳଖିଆ ଦୋକାନ ଭିତରକୁ ପଶିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଶିବଙ୍କ ମୃତ୍ୟୁ ଘଟିଥିବା ବେଳେ କାଉଁରୀ ଓ ପ୍ରକାଶ ଗୁରୁତର ଆହତ ହୋଇଥିଲେ। ବୌଦ୍ଧ ଦମକଳ ବାହିନୀ ଘଟଣାସ୍ଥଳରୁ ଆହତଙ୍କୁ ଉଦ୍ଧାର କରି ପ୍ରଥମେ ବୌଦ୍ଧ ମେଡିକାଲ ପଠାଇଥିଲେ। ପରେ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

## ଫୁଟବଲ: ବ୍ରାହ୍ମଣତୁରୁମ ଚାମ୍ପିୟନ

ଗଣ୍ଡତୁରୁମ, ୩୧।୮ (ଡି.ଏନ.ଏ)

ଭେଡେନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ମାଁ ବାଉତି ସ୍ପୋର୍ଟିଂ ୟୁନାଇଟେଡ ଆନୁକୂଲ୍ୟରେ ଶନିବାର ଅନୁଷ୍ଠିତ ୪୮ତମ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବ୍ରାହ୍ମଣତୁରୁମ ଦଳ ଚାମ୍ପିୟନ ହୋଇଛି । ସେମିଫାଇନାଲ ମ୍ୟାଚରେ ଏହି ଦଳ ସିଆଲଖଣ୍ଡାହଥା ଦଳକୁ ୨-୦ ଗୋଲରେ ହରାଇ ଏବଂ ଭୁତଲୋଡ ଦଳକୁ ୨-୦ ଗୋଲରେ ପରାସ୍ତ କରି ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିଲା । ବ୍ରାହ୍ମଣତୁରୁମ ଏବଂ ଲୁଇଶିରା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ବ୍ରାହ୍ମଣତୁରୁମ ଦଳ ୧-୦ ଗୋଲରେ ଅଗ୍ରଣୀ ହୋଇ ଚାମ୍ପିୟନ ହୋଇଥିଲା । ନୀଳରଞ୍ଜନ ପଣ୍ଡା, ରତନ ଅଦାବର, ଜୟକୁମାର ଭୁଏ ଖେଳ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଖବରଦାତା ସୁଦନ ମହାକୁର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ଏହି ମ୍ୟାଚରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ ।

## ଚାଷୀଙ୍କ ରୁଆଧାନ ନଷ୍ଟ, ସର୍ଭେ କଲା କୃଷି ବିଭାଗ

ଅତାବିରା, ୩୧।୮ (ଡି.ଏନ.ଏ)
ଲଗାଣ ବର୍ଷା ଓ ବନ୍ୟାରେ ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଦେଶଭଟିଲି ଗ୍ରାମର ଚାଷୀ ବୃନ୍ଦାବନ ପଣ୍ଡା, ବିରଞ୍ଚି ଭୋଇ, ସିଦ୍ଧେଶ୍ୱର ସେଣ, ଅଭି ଭୁଏ, ରିଙ୍କୁ ନାୟକ, ବାବୁଲା ନାୟକ, ଟେଙ୍ଗୁଡୁ ସେଣ ଆଦି ଚାଷୀଙ୍କ ଖରିଫ ଫସଲ ନଷ୍ଟ ହୋଇଯାଇଛି । ପ୍ରତିବର୍ଷ ବନ୍ୟାରେ ଧାନ ଫସଲ ନଷ୍ଟ ହୋଇ ଯାଉଥିଲେ ମଧ ପ୍ରଶାସନ ବନ୍ୟାପାଣି ନିଷ୍କାସନ କରିବା ବ୍ୟବସ୍ଥା କରୁ ନ ଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ରବି ଋତୁରେ କେନାଲ ପାଣି ପହଞ୍ଚି ନ ପାରି ମରୁଡି ଆଶଙ୍କା ଦେଖାଯାଏ । ପାଣି ଅଭାବ ଯୋଗୁ ରବି ଧାନ ଫସଲ ମଧ ଚାଷୀ ଠିକ ଭାବେ ଆଦାୟ କରି ପାରେ ନାହିଁ । ଖରିଫ ଋତୁରେ ବନ୍ୟା ଯୋଗୁ ଚାଷ ଜମିରେ ପାଣି ଜମି ରୁଆ ଧାନ ନଷ୍ଟ ହୋଇଯାଉଛି । ଦେଶଭଟିଲି ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଯୁକ୍ତା ଡନସନା କ୍ଷତିଗ୍ରସ୍ତ ଚାଷୀଙ୍କ ସର୍ଭେ କରି ଫେରିଛନ୍ତି । ଚାଷୀ ବୃନ୍ଦାବନ ପଣ୍ଡା ଭେଡେନ ତହସିଲଦାର ସବିତା ସୀମା କୁଲୁଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ପରେ ଦେଶଭଟିଲି ଆରଆଇ ତଦନ୍ତ ରିପୋର୍ଟ ପ୍ରଦାନ କରିଥିବା ଜଣାଯାଇଛି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଫସଲ ବୀମା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି ।

## କମେଣ୍ଟମରାକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣ

ପୁରୁଣାକଟକ, ୩୧।୮(ଡି.ଏନ.ଏ)

ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ତିଲେଶ୍ୱର ପଞ୍ଚାୟତ ବୁରୁବୁଡା ଗ୍ରାମରେ ଶନିବାର ସନ୍ଧ୍ୟା ୭ଟା ସମୟରେ ଜଣେ ମହିଳାଙ୍କୁ କମେଣ୍ଟ ମାରିବା ଘଟଣାକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ମହିଳାଙ୍କ ସ୍ୱାମୀ ଓ ଶ୍ୱଶୁର ଗୁରୁତର ଆହତ ହୋଇଛନ୍ତି। ଉଭୟ ଆହତଙ୍କୁ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରାଯାଇଛି ।

ବୁରୁବୁଡା ଗ୍ରାମର ଅଞ୍ଜଳି ବେହେରା ବିଲରୁ ଚାଷ କାମ ସାରି ନିକଟସ୍ଥ ଲକ୍ଷ୍ମୀନାଳ ପୋଖରିରେ ଗାଧୋଉଥିଲେ। ଏହି ସମୟରେ ସେହି ଗ୍ରାମ ଦଳିତ ବସ୍ତିର କିଛି ଯୁବକ ସେଠାକୁ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ କମେଣ୍ଟ କରିଥିଲେ । ଅଞ୍ଜଳି ଘରକୁ ଆସି ସ୍ୱାମୀ ଅନନ୍ତ ବେହେରା (୩୫) ଓ ଶ୍ୱଶୁର ରାଘବ ବେହେରାଙ୍କୁ ଜଣାଇଥିଲେ । ଅନନ୍ତ ଓ ରାଘବ ଏ ନେଇ ପଚରାଉଚରା କରିବା ବେଳେ ପ୍ରାୟ ୧୦ରୁ ୧୨ ଜଣ ଲୋକ ଆସି ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଛାନଭିନ ଚଳାଇଛି ।

## ଅଙ୍ଗଦାନ ସଚେତନତା ଶୋଭାଯାତ୍ରା

ବୌଦ୍ଧ,୩୧।୮(ସ୍ୱ.ପ୍ର.)

ଅଙ୍ଗଦାନ ମହାନ ଦାନ ଏହି ସଚେତନତାର ବାର୍ତ୍ତା ନେଇ ଶନିବାର ବୌଦ୍ଧ ଠାରେ ମାରୱାଡି ମହିଳା ସମିତି ପକ୍ଷରୁ ଏକ ଜନସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଛି। ଶୋଭାଯାତ୍ରା ଶ୍ରୀରାମ ମନ୍ଦିରଠାରୁ ବାହାରି ଗାନ୍ଧୀଛକ, ଏନସି ଛକ, ବସଷ୍ଟାଣ୍ଡ ଦେଇ ସହର ପରିକ୍ରମା କରିବା ପରେ ଶ୍ରୀରାମ ମନ୍ଦିର ଠାରେ ସମାପ୍ତ ହୋଇଥିଲା । ଶୋଭାଯାତ୍ରାରେ ମହିଳା ସମିତିର ସଦସ୍ୟାମାନଙ୍କ ସହିତ ମହିଳା କଲେଜର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଅଖିଳ ଭାରତୀୟ ମାରୱାଡି ମହିଳା ସମିତି ପକ୍ଷରୁ ଅଙ୍ଗଦାନ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ଭାବେ ଗ୍ରହଣ କରାଯାଇଛି । ଏହା ସହିତ ଆଜି ସମଗ୍ର ଭାରତ ବର୍ଷରେ ରହିଥିବା ମହିଳା ସମିତିର ଶାଖା ଗୁଡିକ ପକ୍ଷରୁ ଦେଶର ଶତାଧିକ ସହରରେ ଏକ ସଙ୍ଗରେ ଅଙ୍ଗଦାନ ଜନସଚେତନତା ଶୋଭାଯାତ୍ରା ଓ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଶୋଭାଯାତ୍ରାକୁ ମାରୱାଡି ମହିଳା ସମିତିର ସଭାପତି ଆଶାଦେବୀ ଅଗ୍ରୱାଲ, ସମ୍ପାଦକ ମଞ୍ଜୁଦେବୀ ଅଗ୍ରୱାଲା, କୋଷାଧ୍ୟକ୍ଷ ବବିତା ଅଗ୍ରୱାଲା, ନିର୍ମଳାଦେବୀ ଅଗ୍ରୱାଲା, ସୁଲୋଚନା ଦେବୀ ଅଗ୍ରୱାଲା, ପୁନମ ଅଗ୍ରୱାଲା, ସବିତା ଅଗ୍ରୱାଲା, କୁସୁମ ଅଗ୍ରୱାଲା, ଜ୍ୟୋତି ଅଗ୍ରୱାଲା, ନେହା ସିଙ୍ଘଲ, ମଞ୍ଜୁ ସିଙ୍ଘଲ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ ।




ବୌଦ୍ଧରେ ଅଙ୍ଗଦାନ ଶୋଭାଯାତ୍ରାରେ କଲେଜ ଛାତ୍ରୀମାନେ ସାମିଲ ହୋଇଛନ୍ତି ।

# ବିକାଶରେ ଜନସାଧାରଣଙ୍କ ସହଯୋଗ ଲୋଡ଼ା




ସ୍ୱାୟତ୍ତ ଶାସନ ଦିବସ ପାଳନ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୩୧।୮**

ବରଗଡ଼ ପୌର ପରିଷଦର ନିଜସ୍ୱ ଆୟ ରହିଛି । ସେହିପରି ରାଜ୍ୟ ସରକାରଙ୍କଠାରୁ ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଉଛି । ତେଣୁ ସମ୍ପ୍ରତି ବିକାଶ ପାଇଁ ଅର୍ଥ ଆଉ ପ୍ରତିବନ୍ଧକ ହୋଇ ରହିନାହିଁ । ସମଗ୍ର ରାଜ୍ୟରେ ପଞ୍ଚାୟତଠାରୁ ଆରମ୍ଭ କରି ପୌର ପରିଷଦ ପର୍ଯ୍ୟନ୍ତ ବିକାଶ ପ୍ରକ୍ରିୟା ଆଗେଇ ଚାଲିଛି । ତଥାପି ବିକାଶ କ୍ଷେତ୍ରରେ ଜନସାଧାରଣଙ୍କ ସାହାଯ୍ୟ, ସହଯୋଗର ଆବଶ୍ୟକତା ରହିଛି ବୋଲି ଶନିବାର ବରଗଡ଼ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ସମାରୋହରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଜିଲା ସ୍ୱଚ୍ଛ ମିଶନର ସଂଯୋଜକ ସୁଶାନ୍ତ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ରାଉତ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ପୌର ପରିଷଦ ପକ୍ଷରୁ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ବରଗଡ଼ ତହସିଲଦାର ସବ୍ୟସାଚୀ ପଣ୍ଡା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ରହି ବରଗଡ଼ ସହରର ବିକାଶ ସାଙ୍ଗକୁ ସ୍ୱଚ୍ଛତା ପ୍ରତି ସଚେତନତାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ । ଇଂ. ଅଜୟ କୁମାର ଶାହାଙ୍କ ସମେତ ଅନ୍ୟ ପୌର କର୍ମଚାରୀମାନେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

■ ବୌଦ୍ଧ ଏନଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

# ସହର ବିକାଶରେ ସମସ୍ତଙ୍କ ଭାଗୀଦାରି ଆବଶ୍ୟକ

ବୌଦ୍ଧ,୩୧।୮(ସ୍ୱ.ପ୍ର)

ବୌଦ୍ଧ ଏନଏସ ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଟାଉନହଲ ଠାରେ ଆୟୋଜିତ ଉତ୍ସବରେ ବିଧାୟକ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସହରର ବିକାଶ ପାଇଁ ସମସ୍ତଙ୍କ ଭାଗିଦାରୀ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ମୁଖ୍ୟଅତିଥି ଅମାତ ବୌଦ୍ଧ ଏନଏସି ଗଠନର ୬୦ ବର୍ଷ ପୂର୍ତ୍ତି ଅବସରରେ ଐତିହାସିକ ବୌଦ୍ଧ ସହରର ବିକାଶରେ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ଏହାସହିତ ବର୍ତ୍ତମାନ ସହର ରାସ୍ତାଘାଟର ଉନ୍ନତି, ମହାନଦୀ ବ୍ରିଜ୍‌ଛକ ଠାରୁ ପୁରୁଣାବ୍ଲକ ଛକ, ଏନଏସି ଛକ ଠାରୁ ହାତୀଶାଳ ଛକ, କୋର୍ଟ ଛକ ଓ କେନ୍ଦ୍ରୀୟ ବିଦ୍ୟାଳୟ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଖୁବଶୀଘ୍ର ସମ୍ପୂର୍ଣ୍ଣ କରାଯିବ ବୋଲି ମୁଖ୍ୟଅତିଥି ଅମାତ ପ୍ରକାଶ କରିଥିଲେ । ସେହିପରି ବୌଦ୍ଧ ମର୍ଜାକୁଦ ସେତୁ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ଏହା ସମ୍ପୂର୍ଣ୍ଣ ହେବା ପରେ ସହରର ବିକାଶ ତ୍ୱରାନ୍ୱିତ ହେବ ବୋଲି ଅମାତ ପ୍ରକାଶ କରିଥିଲେ। ଏହାବ୍ୟତୀତ ସହରର ଡ୍ରେନେଜ ବ୍ୟବସ୍ଥାର ଆଧୁନିକୀକରଣ, ଆଲୋକୀକରଣ, ପରିଷ୍କାର ପରିଚ୍ଛନ୍ନତା ପାଇଁ ଅନେକ ଯୋଜନା ହାତକୁ ନିଆଯାଉଥିବା ପରିଷଦର ନିର୍ବାହୀ ଅଧିକାରୀ ପଣ୍ଡା ସୂଚନା ପ୍ରଦାନ କରିଥିଲେ। ସକାଳେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ଛକରେ ସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଥିଲା। ବିଦ୍ୟାଳୟରେ ସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା ।




ସ୍ୱାୟତ୍ତ ଶାସନ ସମାରୋହରେ ମଞ୍ଚାସୀନ ଅତିଥି ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ଜାତୀୟ ଚକ୍ଷୁଦାନ ପକ୍ଷ ପାଳନରେ ବିବିଧ କାର୍ଯ୍ୟକ୍ରମ

**ଭବାନୀପାଟଣା,୩୧।୮(ଡି.ଏନ୍.ଏ.)-** ରାଷ୍ଟ୍ରୀୟ ଦୃଷ୍ଟିହୀନତା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଓ ଜିଲା ସ୍ୱାସ୍ଥ୍ୟ ସମିତି କଳାହାଣ୍ଡି ପକ୍ଷରୁ ୩୪ତମ ଜାତୀୟ ଚକ୍ଷୁଦାନ ପକ୍ଷ ଅବସରରେ ଶନିବାର ସଚେତନତା ଶୋଭାଯାତ୍ରା ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଡାକ୍ତରଖାନା ସମ୍ମିଳନୀ କକ୍ଷରେ ଏକ ସଭାର ଆୟୋଜନ କରାଯାଇଥିଲା। ସକାଳ ୯ଟାରେ ଦୃଷ୍ଟିହୀନତା ନିୟନ୍ତ୍ରଣ ସକାଶେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲା। ଏହି ଅବସରରେ ଏଏନ୍ଏମ୍, ଜିଏନ୍ଏମ୍ ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ସଂଗୀତ ପ୍ରତିଯୋଗିତା ହୋଇଥିଲା । କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବନଲତା ଦେବୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ଦାଶ, ଏଡିଏମ୍ଓ ଡା. ଜଗୁଲାଲ ଅଗ୍ରୱାଲ, ଜିଲା ଚକ୍ଷୁ ପରିଚାଳକ ତଥା ଚକ୍ଷୁ ବିଶେଷଜ୍ଞ ଡା. ନିବେଦିତା ସାହୁ, ହସ୍ପିଟାଲ ମ୍ୟାନେଜର ଡା. ଶ୍ରୀରାମ ମହାନ୍ତି, ଡା. ଲମ୍ବୋଦର ସାହୁ, ଡା. ସୁଶିଲ ଚନ୍ଦ୍ର ରଥ, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଖଗେନ୍ଦ୍ର ମାଝି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କୃତିପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

**କଲମପୁର,୩୧।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା କଲମପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଶନିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ମଣ୍ଡଲ, କୋଟାଗାଁ, ନୂଆଁଗାଁ ୩ଟି ପଞ୍ଚାୟତର ୨୦୮ ଜଣ ହିତାଧିକାରୀମାନଙ୍କୁ ମଣ୍ଡଲ ପଞ୍ଚାୟତଠାରେ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିଲା। ବ୍ଲକ ଏଇ ଏ.ସି.ମହଲିକ, ମଣ୍ଡଳ ସରପଞ୍ଚ ପ୍ରଦୀପ କୁମାର ଭୋଇ, ନୂଆଁଗାଁ ସରପଞ୍ଚ ସୁଶିଲା ନାଏକ, ମଣ୍ଡଳ ସମିତି ସଭ୍ୟା ଚିନ୍ତାମଣି ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ବିକାଶ ମାଝି, ନୂଆଁଗାଁ ପିଇ କପିଲ ନାଏକ, ଜିଆର୍ଏସ୍ ଧନଞ୍ଜୟ ସାହୁ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେହିପରି ଦେପୁର ପଞ୍ଚାୟତର ୧୨୭ ହିତାଧିକାରୀମାନଙ୍କୁ ସମ୍ପ୍ରସାରଣ ଅଧିକାରୀ କରୁଣାକର ବାଗ, ସରପଞ୍ଚ ଭୁକୁଲୁ ବାଗ, ସମିତି ସଭ୍ୟ ଗଜିନ୍ଦ୍ର ବିହାର, ପିଇଓ ଉମାଶଙ୍କର ସା, ଜିଆର୍ଏସ ଦୁର୍ଗା ପ୍ରସାଦ ପ୍ରମୁଖ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ବଡକୁଟ୍ରୁ ପଞ୍ଚାୟତରେ ୧୪୭ ହିତାଧିକାରୀମାନଙ୍କୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମଣ ହରିଜନ, ସରପଞ୍ଚ ହରିପ୍ରିୟା ରଣା, ସମିତି ସଭ୍ୟ ଫୁଲତୋଲା ନାଗ, ପିଇଓ ଗଜାନନ ନାଏକ, ଜିଆର୍ଏସ ତାପସ ବେହେରା, ତପନ ବିଶ କାର୍ଯ୍ୟଦେଶ ବଣ୍ଟନ କରିଥିଲେ। ସେହିପରି ବିଜମରା ପଞ୍ଚାୟତଠାରେ ୧୩୬ ଜଣ ହିତାଧିକାରୀଙ୍କୁ ସରପଞ୍ଚ ଦୁହିତା ମାଝି, ପିଇଓ ପୁରୁଷୋତ୍ତମ ନାଏକ କାର୍ଯ୍ୟାଦେଶ ଦେଇଥିଲେ। କଲମପୁର ପଞ୍ଚାୟତରେ ୫ଜଣ ହିତାଧିକାରୀଙ୍କୁ ସରପଞ୍ଚ ମିନା କୁମାରୀ ମାଝି, ପିଇଓ ଶ୍ୟାମପ୍ରସାଦ ମିଶ୍ର, ଜିଆର୍ଏସ ସୁଧାବସୁ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ନାକଟିଦେଉଳ,୩୧।୮(ଡି.ଏନ.ଏ.)** ବାଟଗାଁ ପଞ୍ଚାୟତର ହିତସରା ୟୁଜିଏମଇ ସ୍କୁଲର ପ୍ରଧାନ ଶିକ୍ଷକ କମଳ ଲୋଚନ ପ୍ରଧାନଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଗଦାଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅବସର କାଳୀନ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ନାକଟିଦେଉଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତ୍ରିନାଥ ଧଳ, ସମ୍ମାନିତ ଅତିଥି ଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାଜକିଶୋର ସାହୁ, ବ୍ଲକ ପ୍ରାଥମିକ ଶିକ୍ଷକ ସମନ୍ୱୟ କମିଟିର ସଭାପତି ଗୁରୁ ଚରଣ ବିଶ୍ୱାଳ, ବ୍ଲକ ସଂପାଦକ ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ହିମାଂଶୁ ପ୍ରଧାନ, ଅନୀତା ପୁରାହିତ, କ୍ଷମାନିଧି ନାଏକ, ପର୍ଶୁରାମ ସାହୁ, ସିଆରସିସି ମହେଶ୍ୱର ପ୍ରଧାନ, ବ୍ରଜମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ନୂଆଁଖାଇ ତିହାରି ହାଟ୍
# ଧାନକେଣ୍ଡା ୧୦ ଟଙ୍କାରେ ବିକ୍ରି

**ରିଷିଡା,୩୧।୮ (ଡି.ଏନ.ଏ)**

୩ ତାରିଖରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏନେଇ ଗାଁଠୁ ସହର ସବୁଠି ଚଳଚଞ୍ଚଳ। ଏପରି କି ବଜାରରେ ଲୋକଙ୍କ ଭିଡ। କଳାହାଣ୍ଡି ଜିଲା ରିଷିଡ଼ାରେ ଶନିବାର ଥିଲା ନୂଆଖାଇ ତିହାରି ହାଟ। ହାଟରେ ଜିଲା ତଥା ବଲାଙ୍ଗୀର ଓ ବୌଦ୍ଧ ଅଞ୍ଚଳର ବ୍ୟବସାୟୀମାନେ ଆସି ବେପାର କରିଥିଲେ। ଏପରି କି ସ୍ଥାନୀୟ ଆଖପାଖ ଅଞ୍ଚଳର ଜନସାଧାରଣ ନୂଆଁଖାଇ ପର୍ବ ଲାଗି ନୂଆଁ ଲୁଗା, ପୂଜା ସାମଗ୍ରୀ, ପନିପରିବା, ଘର ଉପକରଣ ସାମଗ୍ରୀ, ନୂଆଁ ଧାନ, ନୂଆଁ ଚୂଡା, ମାଟି ହାଣ୍ଡି ସହ ଛେଳି, ମେଣ୍ଢା, କୁକୁଡ଼ା ଆଦି କିଣୁଥିବା ଦେଖିବାକୁ ମିଳିଥିଲା। ହେଲେ ତିହାରି ହାଟରେ ପୋଟଳ କେଜି ୪୦ ଟଙ୍କା ଥିବା ବେଳେ ଆଳୁ ୨୦ ଟଙ୍କା, ଟମାଟୋ ୨୦ ଟଙ୍କା, କାଙ୍କଡ ୬୦ ଟଙ୍କା, ଜହ୍ନି ୨୦ ଟଙ୍କା ବିକ୍ରି ହୋଇଥିଲା। ଏପରି କି ଧାନକେଣ୍ଡା ୧୦ ଟଙ୍କା ଏବଂ ଚୂଡା ଅଡା ପ୍ରତି ୬୦ ଟଙ୍କାରେ ବିକ୍ରି ହୋଇଥିଲା। ହାଟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ବେଳେ କୋଟିଏ ଟଙ୍କାର କାରବାର ହୋଇଥିବା ଜଣାପଡିଛି। ଆସନ୍ତା ମଙ୍ଗଳବାର ନୂଆଁଖାଇ ପର୍ବ ପାଳନ ନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୂଆଁଖାଇ ଦିନ ନୂଆ ଧାନର ଚାଉଳ ପ୍ରସ୍ତୁତ ଅନ୍ନ ସହ ଖୀରି, ବିଭିନ୍ନ ପ୍ରକାର ପିଠା, ମିଷ୍ଟାନ, ଫଳ ଇଷ୍ଟ ଦେବାଦେବୀଙ୍କୁ ଅର୍ପଣ କରାଯାଇଥାଏ । ଚାଷୀ ନିଜ ବିଲକୁ ଯାଇ ମା' ମାଟିକୁ ପୂଜା କରିଥାଏ। ପରେ ନିଜ ଇଷ୍ଟ ଦେବୀଦେବାଙ୍କୁ ପୂଜାର୍ଚ୍ଚନା ପରେ ଲଗ୍ନ ସମୟରେ ପରିବାର ସମସ୍ତେ ଏକତ୍ର ହୋଇ ନୂଆଁ ଖାଇଥାନ୍ତି। ଏହି ଅବସରରେ ପରିବାର ବୈଜ୍ୟେଷ୍ଠମାନଙ୍କଠାରୁ ଆଶୀର୍ବାଦ ନିଆଯାଏ। ଏହା ଏକ ନିଆରା ପରମ୍ପରା। ନୂଆଁଖାଇ ଅବସରରେ ନୂଆଁଖାଇ ଭେଟ୍ଘାଟ୍ କାର୍ଯ୍ୟକ୍ରମ ହୋଇଥାଏ। କାର୍ଯ୍ୟକ୍ରମରେ ବିଭିନ୍ନ ଖେଳ, ଲୋକଗୀତ ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଅନ୍ୟପକ୍ଷେ ନୂଆଁଖାଇ ପର ଦିନକୁ ନୂଆଁଖାଇ ବାସି କୁହାଯାଏ। ଏହି ଦିନ ସମସ୍ତଙ୍କ ଘରେ ମାଂସ ତରକାରୀ ଆସର ହୋଇଥାଏ।



ନୂଆଁଖାଇ ତିହାରି ହାଟରେ ପନିପରିବା ଦୋକାନ ଖୋଲିଛି ।

**ସେମାନେ ଯାହା କୁହନ୍ତି...**

"ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ। ରିଷିଡ଼ାରେ ଶନିବାର ଥିଲା ନୂଆଖାଇ ତିହାରି ହାଟ। ହାଟରେ କିଣାବିକା ହେବା ସହ ହାଟକୁ ଆସିଥିବା ବନ୍ଧୁ ପରିଜନଙ୍କ ସହ ନୂଆଁଖାଇ ପର୍ବ ପାଳନ ନେଇ ଭାବ ବିନିମୟ ହୋଇଥିଲା।
-ଜଗା ସାହୁ, ଶିରାବାହାଲ ଗ୍ରାମବାସୀ

"କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇରେ ନୂଆଁ ଧାନର ବିଶେଷ ମହତ୍ତ୍ୱ ରହିଛି। ଏନେଇ ହାଟରେ ନୂଆ ଧାନ ସହ ଚୁଡା ନେବା ପାଇଁ ଦୋକାନରେ ଲୋକଙ୍କ ଭିଡ ରହିଥିଲା। ଭିଡ ସତ୍ତ୍ୱେ ନୂଆ ଧାନ ଏବଂ ଚୂଡ଼ା କିଣି ଘରକୁ ନେଉଛି।
-ହେମନ୍ତ ପୁଟେଲ, ରିଷିଡ଼ା

"ନୂଆଁଖାଇ ହାଟ ପାଇଁ ଅପେକ୍ଷା କରିଥାଏ । ତିହାରି ହାଟରେ ସବୁ ଜିନିଷ ମିଳିଥାଏ। ତେଣୁ ହାଟକୁ ଆସିଛି।
-ଧ୍ରୁବ ବାରିକ, ଝାରମୁଣ୍ଡା



ଆଇନ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ଧର୍ମଗଡ଼,୩୧।୮ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ତାଲୁକ ଆଇନ ସେବା ସମିତି ପକ୍ଷରୁ ଧର୍ମଗଡ଼ ବ୍ଲକ ଅଧୀନ ତମ୍ଭାଛଡା ଗ୍ରାମରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧର୍ମଗଡ଼ ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସମିତି ଅଧ୍ୟକ୍ଷ ତାଲୁକ ଆଇନ ସେବା ସମିତି ରାମକୃଷ୍ଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲା କୃଷି ଅଧିକାରୀ ଜଗନ୍ନାଥ ନନ୍ଦ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଗୋପାଳ ମିଶ୍ର ଯୋଗ ଦେଇଥିଲେ। ସମିତି ଅଧ୍ୟକ୍ଷ ଚୌଧୁରୀ ଧର୍ମଗଡ଼ ତାଲୁକ ଆଇନ ସେବା ସମିତିର କାର୍ଯ୍ୟ ଏବଂ ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଦେଓାନୀ ଜଜ୍ କିରନ କୁମାର ପ୍ରଧାନ, ଜେଏମଏଫସି ଅଞ୍ଜୁ ସାହୁ, ସହକାରୀ ଜିଲାପାଳ ରାଜେଶ କୁମାର ମେହେର, ଜିପିଇଓ ସୁଧାଂଶୁ ଶେଖର ବାଗ, ସରକାରୀ ଓକିଲ ଧିରେନ୍ଦ୍ରନାଥ ପାତ୍ର, ଆଇନଜୀବୀ ଥବୀର ରଞ୍ଜନ ସାହୁ, ମିହିର ରଞ୍ଜନ ପଟ୍ଟଯୋଷୀଙ୍କ ସହ ତାଲୁକ ଆଇନ ସେବା ସମିତିର ସଦସ୍ୟ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ତମ୍ଭାଛଡା ପଞ୍ଚାୟତର ବୃଦ୍ଧିଜୀବୀ, ମହିଳା, ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ ।

## ପଥର୍ଲା ପଞ୍ଚାୟତରେ ନୂଆଁଖାଇ ପାଳିତ

**କେସିଙ୍ଗା, ୩୧।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପଥର୍ଲା ପଞ୍ଚାୟତରେ ଶନିବାର ନୂଆଁଖାଇ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ଶୁକ୍ରବାର ଗ୍ରାମର ଦେବାଦେବୀଙ୍କୁ ବରଣ କରାଯାଇ ନୂଆଁଖାଇ ପର୍ବ ପାଳନ କରିବାକୁ ଆହ୍ୱାନ କରାଯାଇଥିଲା । ଶନିବାର ପଥର୍ଲା ଗ୍ରାମର ଗୌନ୍ତିଆ ଦଇପାନ ମାଝି ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ନୂଆ ଚୁଡା, ପିଠା, ଖିରୀ ଆଦି ଭୋଗ ଲାଗି କରିଥିଲେ। ପରମ୍ପରା ଅନୁଯାୟୀ ପ୍ରଥମେ ଗୌନ୍ତିଆ ଘରେ ନୂଆଁଖାଇ ଥିଲେ । ପରେ ଗ୍ରାମର ଖଲାପଡ଼ାର ରାଷ୍ଟ୍ରପତି ଭବନରେ ମିଳିତ ଭାବେ ନୂଆଁଖାଇ ପର୍ବ ପାଳନ ହୋଇଥିଲା। ସେହିପରି ବାହାଦୂରପଦର ଗ୍ରାମର ନିରଞ୍ଜନ ମାଝି(୬୩)ଙ୍କ ପରିବାର ଏକତ୍ର ହୋଇ ନୂଆଁଖାଇ ଥିଲେ। କଲୋନୀ ପଡ଼ା, ଖଲକାପଡା ଗ୍ରାମରେ ନୂଆଁଖାଇ ପାଳିତ ହୋଇଯାଇଛି। ନୂଆଁଖାଇ ପରେ ବୟୋଜ୍ୟେଷ୍ଠମାନଙ୍କଠାରୁ ଛୋଟମାନେ ଆଶୀର୍ବାଦ ନେଇଥିଲେ। ଅପରାହ୍ନ ୫ଟାରେ ଗ୍ରାମର ବିଭିନ୍ନ ଛକରେ ନାଚ, ଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଖଲାପଡ଼ାର ରାଷ୍ଟ୍ରପତି ଭବନରେ ମିଳିତ ଭାବେ ନୂଆଁଖାଇ ପର୍ବ ପାଳନ କରାଯାଉଛି।

### ଦୁର୍ଘଟଣାରେ ଶିକ୍ଷୟିତ୍ରୀ ଗୁରୁତର

**ରିଷିଡ଼ା/ମଦନପୁର,୩୧।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡ଼ା-ମ.ରାମପୁର ମୁଖ୍ୟ ରାସ୍ତା ସାଗରପାଲି ଛକ ନିକଟରେ ନବନିର୍ମିତ ପୋଲ ଉପରେ ଶନିବାର ଏକ ଦୁର୍ଘଟଣା ଘଟି ଅଲାତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲେଭାଶ୍ରୀ ସାହୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପରିବାର ଲୋକେ ମଦନପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ମ.ରାମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ମୁତାବକ ଶିକ୍ଷୟିତ୍ରୀ ସାହୁ ସ୍କୁଲ ଛୁଟି ପରେ ସ୍କୁଟି ଧରି ଘରକୁ ଯାଉଥିଲେ। ହେଲେ ନବନିର୍ମିତ ପୋଲ ଉପରେ ଭାରସାମ୍ୟ ହରାଇ ସେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି।



ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱରଞ୍ଜନ ମୁଣ୍ଡଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଧର୍ମଗଡ଼,୩୧।୮ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଅଧୀନ ବ୍ରାହ୍ମଣ ଛେଣ୍ଡିଆ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷକ ବିଶ୍ୱରଞ୍ଜନ ମୁଣ୍ଡଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶିକ୍ଷକ ମୁଣ୍ଡ ବିଦ୍ୟାଳୟରେ ୧୯୭୭ରୁ ୨୦୧୯ ପର୍ଯ୍ୟନ୍ତ ଶିକ୍ଷକତା କରିଥିଲେ। ସଭାରେ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ଯତିନ୍ଦ୍ର ମୋହନ ମୁଣ୍ଡ, ଶିକ୍ଷାବିତ ଗୋପିଚାନ୍ଦ ବାଗ, ପୂର୍ବତନ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମୁଣ୍ଡ, ଜିଲା ଓଷ୍ଟା ସମ୍ପାଦକ ପ୍ରଭାତ କୁମାର ରଥ, ଆଚାର୍ଯ୍ୟ ହୃଷୀକେଶ ମିଶ୍ର ପ୍ରମୁଖ ଉପସ୍ଥତି ରହି ଶିକ୍ଷକ ମୁଣ୍ଡଙ୍କ କାର୍ଯ୍ୟ ଶୈଳୀ ଉପରେ କହିଥିଲେ। ଶିକ୍ଷକ ଅଭିମନ୍ୟୁ ମୁଣ୍ଡ ଏବଂ ଦିନେଶ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ନାଏକ ଅତିଥି ପରିଚୟ ଏବଂ ସୁଦର୍ଶନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ଏନ୍ଏସିରେ ସ୍ୱାୟତ୍ତ ଶାସନ ଦିବସ
# ସହରର ଉନ୍ନତି ଲାଗି ଜନସାଧାରଣଙ୍କ ସହଯୋଗ ଲୋଡ଼ା

**ଜୁନାଗଡ,୩୧।୮ (ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି)ରେ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏଥିରେ ଜୁନାଗଡ଼ ସହରର ବୁଦ୍ଧିଜୀବୀ, ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜୁନାଗଡ ଏନ୍ଏସି ମୁଖ୍ୟ କିରାଣି ବିଜୟ ପୂଝାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି ଯୋଗଦେଇ ଜୁନାଗଡ଼ ସହରର ଉନ୍ନତି ପାଇଁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ପୂର୍ବତନ ଏନ୍ଏସି ଅଧ୍ୟକ୍ଷା ବିଜୟ ଲକ୍ଷ୍ମୀ କନ୍ଦପାନ, ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଇଶ୍ୱର ପୂଝାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଶ୍ମି ରଞ୍ଜନ ନାୟକ, ରଜନୀ କାନ୍ତ ବୈଠାରୁ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଥିଲେ। ଆଗାମୀ ମାର୍ଚ୍ଚରେ ଜୁନାଗଡ ଏନ୍ଏସିର ୫୦ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ସମାରୋହ ପାଳନ କରାଯିବ। ଏହି ଅବସରରେ ମନ୍ଦିର ମାଳିନୀ ଜୁନାଗଡ଼ ସହରକୁ ପଲିଥିନ ମୁକ୍ତ କରିବା, ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା, ଗୃହ ପାଳିତ ପଶୁମାନଙ୍କୁ ରାସ୍ତାରେ ନ ଛାଡି ନିଜ ଅକ୍ତିଆରରେ ରଖିବା, ରାସ୍ତା ଅବରୋଧ ନ କରିବା, ଡଷ୍ଟବିନରେ ଅଳିଆ ଆବର୍ଜନା ପକାଇବାକୁ ପରିଷଦ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଏପରି କି ପରିଷଦ ପକ୍ଷରୁ ପ୍ରତ୍ୟେକ ଗୃହରୁ ଆବର୍ଜନା ସଂଗ୍ରହ କରିବା ପାଇଁ ସଫେଇ କର୍ମଚାରୀ ନିୟୋଜିତ କରାଯାଇଛି। ସେମାନଙ୍କୁ ସହଯୋଗ କରି ସହରର ପରିବେଶକୁ ସୁସ୍ଥ ରଖିବା ପାଇଁ ଉପସ୍ଥିତ ସହରବାସୀଙ୍କୁ ଅତିଥିମାନେ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଏନ୍ଏସି ହିସାବ ରକ୍ଷକ ହିମାଂଶୁ ଶେଖର ରଣା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଏନ୍ଏସିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।







ଜୁନାଗଡ଼ ଏନ୍ଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ (ବାମ)। ଭବାନୀପାଟଣାଠାରେ ଅତିଥିମାନେ ମାହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।







ଭବାନୀପାଟଣାଠାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ (ବାମ)। କେସିଙ୍ଗା ଜିଲାପ୍ରକଳ୍ପ ଅଧିକାରୀ ପତାକା ଉତ୍ତୋଳନ କରୁଛନ୍ତି।

**ଭବାନୀପାଟଣା, (ଡି.ଏନ୍.ଏ.):** ଭବାନୀପାଟଣା ପୌରପରିଷଦ କାର୍ଯ୍ୟାଳୟଠାରେ ଶନିବାର ସ୍ୱାୟତ୍ତ ଶାସନ ଦିବସ ୨୦୧୯ ମହାସମାରୋହରେ ପାଳିତ ହୋଇଯାଇଛି। ପୌରପରିଷଦ ଅଧ୍ୟକ୍ଷ ତଥା କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏପରି କି ପୌର କାର୍ଯ୍ୟାଳୟ ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ପରେ ପୌରପରିଷଦ ପକ୍ଷରୁ କାର୍ଯ୍ୟାଳୟ ନିକଟ ଘୋଡାଘାଟ ଛକଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଭବାନୀପାଟଣା ପୌରପରିଷଦ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ମ୍ୟୁନସିପାଲ ଇଂ. ସମୀର କୁମାର ଠାକୁର, ପ୍ରଦୀପ ମିଶ୍ର, ସୋମେଶ୍ୱର ମହାପାତ୍ର, ହେମନ୍ତ କୁମାର ନାଏକ, ଗଣେଶ ମହାଖୁଡ, ମହମ୍ମଦ ଅବଦୁଲ ୱାରିସ, ସତ୍ୟରଞ୍ଜନ ପୁଧାକର, ଦୟାନିଧି ଠାକୁର, ଗୀତାଶ୍ରୀ ଦାଶ, କନିଷ୍ଠ ଯନ୍ତ୍ରୀ ସରତ କୁମାର ସାହୁ, ବୀର ସିଂ ବିରୋଲି, ମନୀଷା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭବାନୀପାଟଣା ସହର ପାଇଁ ଉଦ୍ଦିଷ୍ଟ ସେପ୍ଟେଜ୍ ବିଶୋଧନ ପ୍ରକଳ୍ପର ଭିଡିଓ କନଫେରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗୃହନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ପାଇଁ ୨ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ଜଣାପଡିଛି ।

**କେସିଙ୍ଗା, (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସ)ରେ ଜିଲାପ୍ରକଳ୍ପ ଅଧିକାରୀ ଜ୍ଞାନରଞ୍ଜନ ଭଞ୍ଜଦେଓଙ୍କ ନେତୃତ୍ୱରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଅତିଥିମାନେ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ କେସିଙ୍ଗାର ସହରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସ ମାଧ୍ୟମରେ କେସିଙ୍ଗା ସହର ପାଇଁ ଉଦ୍ଦିଷ୍ଟ ଏକ ବିଶୋଧନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟି ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ଏନ୍ଏସି ପକ୍ଷରୁ ୨୬ ଜାତୀୟ ରାଜପଥ କଡ଼ରେ ଚାରାରୋପଣ କରାଯାଇଥିଲା। ଏଥିରେ ପୂର୍ବତନ ନଗରପାଳ ରାମଜୀ ମାତଖଣ୍ଡିଆ, ଶତ୍ରୁଘନ ନାଏକ, ଶିଶିର କୁମାର ବିଶି, ଶ୍ରୀନିବାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସେ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।
- କାର୍ଲାଇଲ୍



## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କ ସୁନାଚେନ ଲୁଟିନେଲେ ମୁଖାପିନ୍ଧା ଦୁର୍ବୃତ୍ତ

**କଣ୍ଟାବାଞ୍ଜି, ୩୧।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି କୁକୁଡାହାଡ ରେଳ ଭୂତଳ ପୋଲ ତଳେ ଶନିବାର ସକାଳେ ସ୍କୁଲ ଯାଉଥିବା ଜଣେ ଶିକ୍ଷୟିତ୍ରୀଙ୍କ ଗଳାରୁ ସୁନା ଚେନ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଲୁଟ୍‌ର ଶିକାର ଶିକ୍ଷୟିତ୍ରୀ ସୁଚିସ୍ମିତା ଦାସ କଣ୍ଟାବାଞ୍ଜିରୁ କୁକୁଡାହାଡ ଯାଉଥିବା ବେଳେ ୩ଜଣ ମୁଖା ପିନ୍ଧା ଯୁବକ ଏହି ଲୁଟ୍ କରିଥିବା ସେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରୁ ପିଛା କରି ଭୂତଳ ପୋଲ ଭିତରେ ବାଇକକୁ ସାମ୍ନାସାମ୍ନି ରଖି ତାଙ୍କଠାରୁ ସୁନାଚେନ ଲୁଟି ନେଇଥିବା ଶିକ୍ଷୟିତ୍ରୀ ଦାସ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ. ୧୫୪/୧୯)ପୋଲିସ ଘଟଣାର ଅନୁସନ୍ଧାନ କରୁଛି।

### ୫ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ବଣ୍ଟନ

**କଣ୍ଟାବାଞ୍ଜି, ୩୧।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ର ଜାତୀୟ ପତାକା ଉତ୍ତୋଳନ ପରେ ସହରର ପାଞ୍ଚ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମ୍ୟୁନିସିପାଲ ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ମିଶ୍ର, ସିଓ ଜ୍ୟୋସ୍ନାମୟୀ ବାରିକ, ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ପୁରସ୍କାର ବିତରଣୀ ଉତ୍ସବ

**ଲୋଇସିଂହା, ୩୧।୮ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୁରସ୍କାର ବିତରଣୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ସା ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ ମୁଖ୍ୟ ଅତିଥି, ସରପଞ୍ଚ ନଳିନୀ ଭୋଇ ସମ୍ମାନୀତ ଅତିଥିଭାବେ ଯୋଗଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ଜୁନିଅର ଓ ସିନିୟର ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ବଣ୍ଟନ କରିଥିଲେ ଅତିଥି। ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ନରେନ୍ଦ୍ର ରଣା, ସୌଦାମିନୀ ସାହୁ ପରିଚାଳନା କରିଥିଲେ।

### ଭିନ୍ନକ୍ଷମଙ୍କୁ କୁକୁର କାମୁଡିବା ନେଇ ମାମଲା

**ଟିଟିଲାଗଡ଼, ୩୧।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ଖଇରଖୁଟ ଗ୍ରାମର ଜନୈକ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ କୁକୁର କାମୁଡାକୁ ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏନେଇ ଟିଟିଲାଗଡ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଖଇରଖୁଟ ଗ୍ରାମର ମାନସିକ ଭିନ୍ନକ୍ଷମ ସନ୍ତୋଷ ସାହୁ (୧୯)ଔଷଧ ଆଣିବା ପାଇଁ ଆଶା କର୍ମୀଙ୍କ ପାଖକୁ ଯାଇଥିଲେ। ସେଠାରେ ଆଶାକର୍ମୀଙ୍କ ପୋଷା କୁକୁର ତାଙ୍କୁ କୁଆଡେ କାମୁଡି ରକ୍ତାକ୍ତ କରିଥିଲା। ଯନ୍ତ୍ରଣାରେ ଛଟପଟ ହେଉଥିବା ସନ୍ତୋଷଙ୍କୁ ଆଶାକର୍ମୀଙ୍କ ସ୍ୱାମୀ ଏକ ଇଞ୍ଜେକ୍ସନ ଦେଇ କାହାକୁ ନ କହିବାକୁ ଡରାଇ ଧମକାଇ ଘରକୁ ପଠାଇ ଦେଇଥିଲେ। ଘଟଣା ପରଦିନ ଏହା ଜଣା ପଡିବା ପରେ ପରିବାର ଲୋକେ ଟିଟିଲାଗଡ ଡାକ୍ତରଖାନାକୁ ଆଣି ସନ୍ତୋଷଙ୍କୁ ଭର୍ତ୍ତି କରିଛନ୍ତି। ଏ ନେଇ ସମ୍ପୃକ୍ତ ଆଶା କର୍ମୀ ଏବଂ ତାଙ୍କ ସ୍ୱାମୀଙ୍କ ନାମରେ ଭିନ୍ନକ୍ଷମଙ୍କ ପରିବାର ଟିଟିଲାଗଡ ଥାନାରେ ଲିଖିତ ଅଭିଯୋଗ କରିଥିବା ପୀଡିତଙ୍କ ଭାଇ ସାରଥି ସାହୁ କହିଛନ୍ତି।

### ବାଇକ୍ ଦୁର୍ଘଟଣାରେ ବ୍ୟବସାୟୀ ଗୁରୁତର

**ରେଢାଖୋଲ, ୩୧।୮ (ଡି.ଏନ.ଏ.):** ରେଢାଖୋଲ ସହରର କଲେଜ ଛକଠାରେ ଶନିବାର ଦିନ ୨ଟା ବେଳେ ବାଇକ ଦୁର୍ଘଟଣାରେ ପ୍ରଦୀପ ଦାସ (୫୦) ନାମକ ଜଣେ ବ୍ୟବସାୟୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ରେଢାଖୋଲ ଡାକ୍ତରଖାନାକୁ ଅଣାଯାଇଥିଲା। ହେଲେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ବୁର୍ଲା ଡାକ୍ତଖାନାକୁ ସ୍ଥାନାନ୍ତର କରାଯାଇଛି। ଶନିବାର ସାପ୍ତାହିକ ବଜାରରୁ ବ୍ୟବସାୟ କରି ଘରକୁ ଫେରିବା ବେଳେ ଏକ କୁକୁର ଦୌଡି ଆସିବାରୁ ସେ ଭାରସାମ୍ୟ ହରାଇ ରାସ୍ତାର ଏକ ଖାଲରେ ପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲେ।

ଗୋଇଲୋ ଘାଟି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ

# ଭଙ୍ଗାଘରେ ମୃତ କଳାକାରଙ୍କ ପରିବାର

**ଲୋଇସିଂହା, ୩୧।୮ (ଡି.ଏନ.ଏ.)**

୨୦୧୬ ମସିହା ଏପ୍ରିଲ ୧୭ ତାରିଖରେ ଦେବଗଡ ଜିଲା କୈଳାସ ଗୋଇଲୋ ଘାଟିରେ ବସ୍ ଦୁର୍ଘଟଣାରେ ନାଟ୍ୟଶ୍ରୀ ଭାରତୀ ଗଣନାଟ୍ୟର ୨୭ କଳାକାରଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଥିଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଲକ୍ଷ୍ମୀକାନ୍ତ ଥନାପତି। ଉକ୍ତ ପାର୍ଟିରେ ସେ ଅର୍ଗାନମାଷ୍ଟର ଭାବେ କାମ କରୁଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ଅନୁକମ୍ପାମୂଳକ ଦୁଇ ଲକ୍ଷଟଙ୍କା ସହାୟତା ରାଶି ପରିବାରକୁ ମିଳିଛି। ହେଲେ ମୃତ କଳାକାରଙ୍କ ପରିବାର ବଲାଙ୍ଗୀର ଜିଲା ପ୍ରଶାସନର ଅଣଦେଖାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ପରିବାର ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ପ୍ରଶାସନର ଟାଳଟୁଳ ନୀତି ଯୋଗୁ ତାଙ୍କ ପରିବାରକୁ ମିଳିଥିବା ଇନ୍ଦିରା ଆବାସ ଘରର କ୍ରମିକ ନମ୍ବରକୁ ବଦଳାଇ ଅନ୍ୟମାନଙ୍କୁ ଘର ଦିଆଯାଇଥିବା ମୃତକଙ୍କ ସ୍ତ୍ରୀ ଲିଲି ଅଭିଯୋଗ କରିଛନ୍ତି।

ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ସଦର ଗାଁର ଗୌର ଥନାପତି, ବସନ୍ତ ଥନାପତିଙ୍କ ଏକମାତ୍ର ପୁଅ ଥିଲେ ଲକ୍ଷ୍ମୀକାନ୍ତ। ବାପାଙ୍କ ମୃତ୍ୟୁ ପରେ ମା' ବସନ୍ତ, ସ୍ତ୍ରୀ ଲିଲି ଓ ଦୁଇ ପୁଅଙ୍କୁ ନେଇ ତାଙ୍କ ସଂସାର ସୁଖଦୁଃଖରେ ଚାଲିଥିଲା। ୬ ବର୍ଷ ଧରି ବରପାଲି ନାଟ୍ୟଶ୍ରୀ ଭାରତୀ ଗଣନାଟ୍ୟରେ ସେ କେସିଓ, ଅର୍ଗାନ, ହାରମାନିୟମ ପ୍ରଭୃତି ବାଦ୍ୟଯନ୍ତ୍ର ବଜାଇ ନାମ କମାଇଥିଲେ। ଯାତ୍ରାପାର୍ଟିରୁ ଯାହା ପାରିଶ୍ରମିକ ମିଳୁଥିଲା ସେଥିରେ ପରିବାର ପ୍ରତିପୋଷଣ ହେଉଥିଲା। ଭଲ କଳାକାରଭାବେ ପରିଚିତ ଲକ୍ଷ୍ମୀକାନ୍ତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ



ଭଙ୍ଗାଘର ସମ୍ମୁଖରେ ଲିଲି ଥନାପତି।

## ଆବାସ ଯୋଜନାରୁ ବଞ୍ଚିତ

ସମ୍ବର୍ଦ୍ଧିତ ହୋଇଥିଲେ। ହେଲେ ସେ ନିଜ ପରିବାର ପାଇଁ ପକ୍କା ଘରଟିଏ କରି ପାରି ନ ଥିଲେ। ମା' ବସନ୍ତଙ୍କ ନାମରେ ଆସିଥିବା ଇନ୍ଦିରା ଆବାସ ସହ କିଛି ସଞ୍ଚିତ ଅର୍ଥ ମିଶାଇ ଲକ୍ଷ୍ମୀକାନ୍ତ ଘର ତିଆରି କରିବାକୁ ଯୋଜନା ରଖିଥିଲେ। ତେବେ ତାଙ୍କ ସେହି ଆଶା ଗୋଇଲୋ ଘାଟିରେ ଦୁର୍ଘଟଣା ପରେ ଶେଷ ହୋଇଯାଇଥିଲା। ପୁଅର ମୃତ୍ୟୁ ପରେ ଦୁଃଖରେ ମ୍ରିୟମାଣ ବସନ୍ତଙ୍କର ବର୍ଷକ ପରେ ମୃତ୍ୟୁ ଘଟିଥିଲା। ଉତ୍ତରାଧିକାରୀଭାବେ ବୋହୂ ଲିଲିକୁ ପଞ୍ଚାୟତରୁ ସେହି ଘର ମିଳିବା କଥା। ହେଲେ ତାଙ୍କ ନାମକୁ ବାଦ୍‌ଦେଇ ଅନ୍ୟମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ଲିଲି ଅଭିଯୋଗ କରିଛନ୍ତି। ବିଧବା ଭତ୍ତା ଓ ୧୫ କେଜି ଚାଉଳରେ ମାସଟିଏ ଯାଉନାହିଁ। କେବେ ଦୁଆର ଏରୁଣ୍ଡି ଡେଇଁ ନଥିଲି। ଏବେ ଜୀବନ ବଞ୍ଚାଇବା ପାଇଁ ମୂଲ ଲାଗିଯିବାକୁ ପଡୁଥିବା ସେ କହିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।




ଲୋଇସିଂହାରେ ବାହାରିଥିବା ଅଙ୍ଗଦାନ ସଚେତନତା ରାଲି।

# ଅଙ୍ଗଦାନ ଉପରେ ସଚେତନତା ଶୋଭାଯାତ୍ରା

**ଲୋଇସିଂହା, ୩୧।୮ (ଡି.ଏନ.ଏ.)**

ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ଲୋଇସିଂହା ଶାଖା ପକ୍ଷରୁ ଅଙ୍ଗଦାନ ଉପରେ ଏକ ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବାହାରିଥିବା ସଚେତନତା ଶୋଭାଯାତ୍ରାକୁ ମୁଖ୍ୟ ଅତିଥି ଆଇଆଇସି ଲଳିତା ଲେକ୍ରା ଶୁଭାରମ୍ଭ କରିଥିଲେ। ଶାଖାର ମହିଳା ସଦସ୍ୟା ଏବଂ ଲୋଇସିଂହା କଲେଜର ଛାତ୍ରୀମାନେ ରାଲିରେ ଅଗ୍ରେସନ ଭବନ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ସମ୍ମେଳନ ସଭାନେତ୍ରୀ ସୁଶୀଳା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅନ୍ଧବିଶ୍ୱାକୁ ଦୂରାଇ ମୃତ୍ୟୁ ପରେ ଅଙ୍ଗଦାନ କରିବାକୁ ଆଗେଇ ଆସିବାକୁ ସଭାରେ ମତପ୍ରକାଶ ପାଇଥିଲା। ଶେଷରେ ସମ୍ପାଦିକା ଅନୀତା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର

**ଦେଓଗାଁ, ୩୧।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଶନିବାର 'ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଏବଂ ଏହାର ସମସ୍ୟା ଓ ସମାଧାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତା ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ଡ.ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଂଯୋଜନାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଭବାନୀପାଟଣା ମହିଳା କଲେଜର ପୂର୍ବତନ ଅଧକ୍ଷ ଡ.ଶିବ ପ୍ରସାଦ ନନ୍ଦ, ମୁଖ୍ୟବକ୍ତା ଭାବେ ଜବାହାରଲାଲ କଲେଜ ପାଟଣାଗଡର ପୂର୍ବତନ ଅଧକ୍ଷ ପ୍ରଫେସର ସୁନୀଲ କୁମାର ପଣ୍ଡା ଓ ଡୁଙ୍ଗୁରିପାଲି କଲେଜ ଅଧକ୍ଷ କିଶେରଚନ୍ଦ୍ର ସାହୁ ଯୋଗଦେଇଥିଲେ। ଶିକ୍ଷକମାନେ ନିରନ୍ତର କର୍ତ୍ତବ୍ୟନିଷ୍ଠ ହୋଇ କାର୍ଯ୍ୟକଲେ କଲେଜରେ ଶୈକ୍ଷିକ ବାତାବରଣ ଜୀବନ୍ତ ହୋଇ ପାରିବ। ଏହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବା ସୁନିଶ୍ଚିତ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚନ୍ଦନଭାଟି ଡିଗ୍ରୀ କଲେଜର ଅଧକ୍ଷ ରାଜେନ୍ଦ୍ର ମିଶ୍ର ଓ କୁଶଙ୍ଗ ଡିଗ୍ରୀ କଲେଜର ଓଡିଆ ଅଧ୍ୟାପକ ଡ. ଅଜିତ କୁମାର ଭୋଇ ଯୋଗଦେଇ ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ। ଅଧ୍ୟାପକ ମଣ୍ଟୁରଞ୍ଜନ ସା ଏକ ନିବନ୍ଧ ପଠନ କରିଥିଲେ। ଅଧ୍ୟାପିକା ମଞ୍ଜରୀ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ ଓ ଅତିଥି।

## ଅଙ୍ଗଦାନ ମହାଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ

**ଟିଟିଲାଗଡ଼, ୩୧।୮ (ଡି.ଏନ.ଏ.)**

ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ଅଙ୍ଗଦାନ ମହାଦାନ ସଚେତନତା କାର୍ଯ୍ୟକ୍ରମକୁ ଶନିବାର ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଟିଟିଲାଗଡ ମାରୱାଡି ମହିଳା ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତି ସଦସ୍ୟା ଏବଂ ସ୍ଥାନୀୟ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସାମିଲ ହୋଇଥିଲେ। ସ୍ଥାନୀୟ ମହାବୀର ପଞ୍ଚାୟତି ଧର୍ମଶାଳାରୁ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ସାହୁଙ୍କ ସହ ସମିତିର ଅଙ୍ଗଦାନ ପ୍ରମୁଖ ଅନିତା ଗୋଏଙ୍କା, ଅଧ୍ୟକ୍ଷା ଆଶା ଅଗ୍ରୱାଲ, ସଚିବ ସରୋଜ ଅଗ୍ରୱାଲ, ଯୁଗ୍ମସଚିବ ଲତା ଅଗ୍ରୱାଲ, ଉପାଧ୍ୟକ୍ଷା ଉମା ଜୈନ, ରୀତା ମିତଲ, ବବିତା ଅଗ୍ରୱାଲ, ସନ୍ତୋଷ ସୋନି, ଗୀତା ବୈଠାରୁ, ମନିଷା ଖୈତାନ ପ୍ରମୁଖ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ। ମରଣ ପରେ ମନୁଷ୍ୟର ଶରୀର ପୋଡି ଭସ୍ମ ହୋଇଯାଉଥିବା ବେଳେ ଚକ୍ଷୁ, କିଡନୀ ଆଦି ଅନେକ ପ୍ରତ୍ୟଙ୍ଗ ଆବଶ୍ୟକ ଲୋକଙ୍କଠାରେ ପ୍ରତ୍ୟାରୋପଣ ହୋଇପାରିବ ବୋଲି ଏହି ଅବସରରେ କୁହାଯାଇଥିଲା।

ପାଟଣାଗଡ଼ ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ

# ନିଷ୍ଠାର ସହ କାମ କଲେ ବିକାଶ ସାଧିତ ହେବ



ସ୍ୱାୟତ୍ତ ଶାସନ ଦିବସ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ପାଟଣାଗଡ, ୩୧।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ପରିସରରେ ୫୭ତମ ସ୍ୱାୟତ୍ତ ଶାସନ ଦିବସ ଶନିବାର ପାଳିତ ହୋଇଯାଇଛି। ଉପଜିଲାପାଳ ସୋମନାଥ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏମ୍‌ପି ସଙ୍ଗୀତା ସିଂଦେଓ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସୁରେଶ ନାଏକ ଯୋଗ ଦେଇଥିଲେ। ସଭାକାର୍ଯ୍ୟକୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ଅଧକ୍ଷ ଅମିତାଭ ଠାକୁର ପରିଚାଳନା କରିଥିଲେ। ନିର୍ବାହୀ ଅଧିକାରୀ ସୁକାନ୍ତ ବେଉରା ପରିଷଦର ବିବରଣୀ ପାଠ କରିଥିଲେ। ପରେ ଉପଜିଲାପାଳ ପଧାନ ପୌର କର୍ମଚାରୀ ଓ ଜନପ୍ରତିନିଧି ସୂଚାରୁରୂପେ ସେମାନଙ୍କ ଦାୟିତ୍ୱ ନିର୍ବାହ କଲେ ଏକ ସୁଦୃଢ ପାଟଣାଗଡ ଏନଏସି ଗଢାଯାଇ ପାରିବ ବୋଲି କହିଥିଲେ। ଏହି ଦିବସ ଉପଲକ୍ଷେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଟଣାଗଡ ସହର ଅନେକ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଚାଷୀଙ୍କୁ ମିଳିନି ସହାୟତା ରାଶି

# ତହସିଲଦାରଙ୍କ ସହ କୃଷକ ଗୋଷ୍ଠୀ ମହାମଞ୍ଚର ଆଲୋଚନା

**ଦେଓଗାଁ, ୩୧।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଗତବର୍ଷ ହୋଇଥିବା ମରୁଡି, ଅଦିନିଆ ବର୍ଷା, ପେଥାଇଜନିତ ଓ ଚକଡା କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ରାଶି ପ୍ରଦାନରେ ଆହେତୁକ ବିଳମ୍ବ ଅଭିଯୋଗ ହୋଇଛି। ଏହାକୁ ନେଇ ଶନିବାର ତହସିଲଦାରଙ୍କ ସହ ଗୋଷ୍ଠୀ କୃଷକ ମହାମଞ୍ଚର ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ହୋଇଥିବା ଚଷୀଙ୍କ କ୍ଷୟକ୍ଷତି ଉପରେ ରାଜସ୍ୱ ବିଭାଗ ଓ କୃଷି ବିଭାଗର ରିପୋର୍ଟକୁ ଆଧାର କରି ରାଜ୍ୟ ସରକାର କେତେକ ପଞ୍ଚାୟତକୁ ମରୁଡି ଘୋଷଣା କରି ସହାୟତା ଘୋଷଣା କରିଥିଲେ। ଉକ୍ତ ସହାୟତା ରାଶି ପ୍ରଦାନରେ ଆହେତୁକ ବିଳମ୍ବ ହେବାରୁ ସେପ୍ଟେମ୍ବର ୫ ତାରିଖରେ ଦେଓଗାଁ ବ୍ଲକର ୭ଟି ଆରଆଇ ଅଫିସରେ ତାଲାବନ୍ଦ ଆନ୍ଦୋଳନ ଡାକରା ଦେଇଥିଲା ବ୍ଲକ ଗୋଷ୍ଠୀ କୃଷକ ମହାମଞ୍ଚ। ତେବେ ତହସିଲଦାର ସୋନାଲୀ ପାତ୍ରଙ୍କ ଆହ୍ୱାନକ୍ରମେ ଶନିବାର କୃଷକ ମହାମଞ୍ଚର ଆବାହକ ଶ୍ୟାମସୁନ୍ଦର ଦାଶଙ୍କ ତତ୍ତ୍ୱାବଧାନରେ ସମାଧାନ ପାଇଁ ଏକ ବୈଠକ ବସିଥିଲା। ଅଦ୍ୟାବଧି ୭ଟି ଗ୍ରାମର ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ୨୧ ଗାଁର ଚାଷୀଙ୍କ ବିବରଣୀ ମଞ୍ଜୁରୀ ପାଇଁ ଜିଲାପାଳଙ୍କ ନିକଟକୁ ପଠାଯାଇଛି। ଅବଶିଷ୍ଟ ଗ୍ରାମର ତାଲିକା ପ୍ରଦାନ କରି ସହାୟତା ସେପ୍ଟେମ୍ବର ୩୦ ସୁଦ୍ଧା ପ୍ରଦାନ କରାଯିବ ବୋଲି ତହସିଲଦାର ପାତ୍ର ସୂଚନା ଦେଇଥିଲେ। ଫଳରେ ୫ତାରିଖ ହେବାକୁ ଥିବା ଆନ୍ଦୋଳନକୁ ସ୍ଥଗିତ କରିବା ପାଇଁ କୃଷକ ମହାମଞ୍ଚ ନିଷ୍ପତ୍ତି ନେଇଥିବା ଆବାହକ ଦାଶ ସୂଚନା ଦେଇଛନ୍ତି। ବୈଠକରେ ମହାମଞ୍ଚର ସଭାପତି ଇନ୍ଦ୍ରଜିତ ରାଉତ, କାର୍ଯ୍ୟକାରୀ ସଭାପତି ଉଜ୍ଜ୍ୱଳ ଦଣ୍ଡସେନା, ସଦସ୍ୟ ସୁଶାନ୍ତ କୁମାର ବରାଡ, ଜୟଦେବ ସିଂ ନିନା, ରାଜେନ୍ଦ୍ର ସାଏ, ପଞ୍ଚାନନ ଖମାରୀ, ଶଶୀ ପାଣିଗ୍ରାହୀ, ସୁନ୍ଦରମଣି ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

ଖପ୍ରାଖୋଲ ପଞ୍ଚାୟତ ସମିତିର ବୈଠକ

# ସ୍କୁଲ କୋଠା ମରାମତିକୁ ପ୍ରାଥମିକତା

**ଖପ୍ରାଖୋଲ, ୩୧।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ ଶନିବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାଟଣାଗଡ ବିଧାୟକ ସରୋଜ ମେହେର, ଏମପି ପ୍ରତିନିଧି ଅଭୟ ତ୍ରିପାଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟକିଶୋର ଜଏପୁରିୟା, ଉପାଧ୍ୟକ୍ଷ ପ୍ରକାଶ ମେହେର, ଜିଲା ପରିଷଦ ସଭ୍ୟା ଜୋସ୍ନାମୟୀ ସାହୁ, ବିପ୍ର ବିଶି ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା ସ୍ୱାଗତ ଭାଷଣ ଦେଇଥିବାବେଳେ ଜିପିଇଓ ସୁଶାନ୍ତ କୁମାର ପାଣି ଗତ ବୈଠକର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଶୁପାଳନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ସାଧାରଣ ବଣ୍ଟନ, ପାନୀୟ ଜଳ ପରିମଳ, ସହିତ ବିଭିନ୍ନ ଉନ୍ନୟନମୂଳକ କାମ ଉପରେ ଆଲୋଚନା ହୋଇଥିଲା। ଅନେକ ବିଦ୍ୟାଳୟର କୋଠା ଠିକ୍ ନ ଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ତେଣୁ ସ୍କୁଲ ଗୃହ ମରାମତିକୁ ପ୍ରାଥମିକତା ଦେବାକୁ ମତପ୍ରକାଶ ପାଇଥିଲା। ସେହିପରି ନିମ୍ନମାନର ଛତୁଆ ଯୋଗାଣ ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ବିଦ୍ୟାଳୟ ଏବଂ ଅଙ୍ଗନଓାଡି କେନ୍ଦ୍ରରେ କାଠ ବଦଳରେ ଏଲପିଜି ମାଧ୍ୟମରେ ରୋଷେଇ କରିବାକୁ ଜନ ପ୍ରତିନିଧିମାନେ ଦାବି କରିଥିଲେ। ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ, ହରିଶଙ୍କରର ବିକାଶ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତି ଉପରେ ସଭ୍ୟମାନେ ମତ ରଖିଥିଲେ। ଦଳମତ ନିର୍ବିଶେଷରେ ସମସ୍ତେ ଅଞ୍ଚଳର ବିକାଶ ପାଇଁ କାମ କରିବାକୁ ବିଧାୟକ ମେହେର ଆହ୍ୱାନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠି ପ୍ରସାଦ ଝାଙ୍କର, ମେଡିକାଲ ଅଫିସର ଡା. ଉତ୍କଳମଣି ମେହେର, ସିଡିପିଓ ପ୍ରମିଳା ମହାନ୍ତି, ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ଯୋଗାଣ ନିରୀକ୍ଷକ ରାଜରାମ ହୋତା, ବ୍ଲକ ପ୍ରାଣୀଧନ ଅଧିକାରୀ ଡା.ସୁଜିତ କୁମାର ଶତପଥୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପଧାନ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିପିଇଓ ସୁଶାନ୍ତ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।



ଖପ୍ରାଖୋଲ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ।

